

# ଝାର୍ଦ୍ୱାର

ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ମୁଖପତ୍ର



ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଭୁବନେଶ୍ୱର

RCDC

**ଏ ସଂଖ୍ୟାରେ...** **ପୃଷ୍ଠା**


**ବିଶେଷ ପ୍ରସଙ୍ଗ**

ମୂଲ୍ୟ ନିର୍ଦ୍ଧାରଣର ମୂଲ୍ୟ ୩

**ପ୍ରସଙ୍ଗ**

ଖାଦ୍ୟ ନିରାପତ୍ତା ପାଇଁ ବନଜାତ ଦ୍ରବ୍ୟର ପରିଚାଳନା ୬

**ଆଲୋଚନା**

ମହୁଲ ମରୁଡ଼ି ୯

**ଚାଷବାସ**

ଔଷଧୀୟ ଗୁଳ୍ମ : ସୁନାମୁଖି ୧୧

**ଔଷଧୀୟ ବୃକ୍ଷଲତା**

ମିଠା କାଣ୍ଡଯୁକ୍ତ ମହତ୍ତ୍ୱପୂର୍ଣ୍ଣ ଔଷଧୀୟ ଗୁଳ୍ମ 'ଯଷ୍ଟିମଧୁ' ୧୨

ମସ୍ତିଷ୍କ, ଶରୀର ଏବଂ ଆତ୍ମା ପାଇଁ ହିତକାରୀ ଚନ୍ଦନ ୧୩

**ପରିଚାଳନା**

ଲଘୁ ଦ୍ରବ୍ୟ ପାଇଁ ଲଘୁ ଉଦ୍ୟମ ୧୫



**ପ୍ରକାଶନ**

RCDC

**ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**



ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶିତ ଏହି ପତ୍ରିକାର କୌଣସି ଅଂଶ, ଫଟୋ, ତଥ୍ୟକୁ ଆଗ୍ରହୀ ସଂସ୍ଥା, ଗବେଷକ ତଥା ବ୍ୟକ୍ତିବିଶେଷ ବ୍ୟବହାର କରିପାରିବେ । ତେବେ ବ୍ୟବହାର ବା ପ୍ରକାଶନ ପୂର୍ବରୁ ଏହାର ଉତ୍ସ ଉଲ୍ଲେଖ କରିବା ସହିତ ପ୍ରକାଶିତ ସଂଖ୍ୟାକୁ ଆମ ନିକଟକୁ ପ୍ରେରଣ କଲେ ଆମେ ଖୁସି ହେବୁ ।



**ସମ୍ପାଦନା ମଣ୍ଡଳୀ**

ବିକାଶ ରଥ

ଦିଲ୍ଲୀପ ସୁବୁଦ୍ଧି

ସବ୍ୟସାଚୀ ରଥ

ହେମନ୍ତ ବାଗ୍

**ଅକ୍ଷର ଓ ଅଙ୍ଗସଜ୍ଜା**

ଭାଗ୍ୟରଥି ସାହୁ


## ସମ୍ପାଦକୀୟ...

**ସରିନାହିଁ ଶୋଷଣ**

୨୦୦୦ ମସିହା ମାର୍ଚ୍ଚ ମାସରେ ସରକାର ଘୋଷଣା କରିଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତିର ଲକ୍ଷ୍ୟ ଥିଲା ପଞ୍ଚାୟତ ଦ୍ୱାରା ବନଜାତ ଦ୍ରବ୍ୟର ସଂଗ୍ରହ ଏବଂ ବ୍ୟବସାୟକୁ ନିୟନ୍ତ୍ରିତ ଉପାୟରେ ଆଗେଇନେବା । ଏ ମଧ୍ୟରେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତି ଯାଇଛି । ୧୨ ବର୍ଷର ସମୟକାଳ କିଛି କମ୍ କଥା ନୁହଁ । କିନ୍ତୁ ଆଶ୍ଚର୍ଯ୍ୟ ଓ ବିଡ଼ମ୍ବନାର ବିଷୟ, ଏ ପର୍ଯ୍ୟନ୍ତ ଏହି ନୀତିର ସଫଳ ରୂପାୟନ ପାଇଁ ଏକ ଉପଯୁକ୍ତ ବାତାବରଣ ତିଆରି ହୋଇପାରିନାହିଁ । ଏ ମଧ୍ୟରେ ତିନି ତିନୋଟି ଗ୍ରାମ ପଞ୍ଚାୟତ ନିର୍ବାଚନ ଆସିଛି । ଅନେକ ନୂଆ ନେତୃତ୍ୱ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାକୁ ଆସିଛନ୍ତି କିନ୍ତୁ ସରକାର ସେମାନଙ୍କୁ ଦେଇଥିବା ଗୁରୁଦାୟିତ୍ୱ ବିଷୟରେ ସାମାନ୍ୟ ସଚେତନ କରିବାକୁ ସମୟ ପାଇନାହାନ୍ତି । ଅନ୍ୟ ପକ୍ଷରେ ପଞ୍ଚାୟତିରାଜ ବ୍ୟବସ୍ଥାର ସଦସ୍ୟମାନେ ମଧ୍ୟ ଏହି ନୀତିକୁ କାର୍ଯ୍ୟକାରୀ କରିବାପାଇଁ ଉତ୍ସାହର ସହ ଆଗେଇ ଆସି ପାରିନାହାନ୍ତି । ରାଜ୍ୟ ସରକାରଙ୍କର ନୂଆ ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତି ଏବଂ ଏହାର ଆନୁସଙ୍ଗିକ ସଂପୃକ୍ତ ନୀତିନିୟମ ସଂପର୍କରେ ପଞ୍ଚାୟତିରାଜ ବ୍ୟବସ୍ଥା ସହ ସଂପୃକ୍ତ ଲୋକ ପ୍ରତିନିଧି ଏବଂ ପ୍ରାଥମିକ ସଂଗ୍ରହକାରୀମାନେ ଭଲ ଭାବରେ ଜାଣନ୍ତି ନାହିଁ । ଏହା ଫଳରେ ୧୨ ବର୍ଷ ବିତିଯାଇଥିଲେ ସୁଦ୍ଧା ନୀତିର ସଫଳ ରୂପାୟନ ସମ୍ଭବ ହୋଇପାରିନାହିଁ ।

ଗ୍ରାମ ପଞ୍ଚାୟତ ଅଧୀନରେ ସଂପାଦକଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ମାନବ ସମ୍ବଳଙ୍କୁ ନିୟୋଜିତ କରାଯାଇନାହିଁ । ମାପ ଓଜନ ତଦାରଖ କରିବା, ଲଘୁ ବନଜାତ ଦ୍ରବ୍ୟର କାରବାର ଉପରେ ନଜର ରଖିବା, ଉପଯୁକ୍ତ ଦରରେ କିଣାଗଲା କି ନାହିଁ ଦେଖିବା, ଇତ୍ୟାଦି କାମ ଠିକ୍ ରୂପେ ହୋଇପାରୁନାହିଁ । ନ୍ୟୂନତମ ସଂଗ୍ରହ ମୂଲ୍ୟର ନିର୍ଦ୍ଧାରଣ ଧର୍ମକୁ ଆଖିଠାର ପରି କରାଯାଉଛି । ସ୍ଥାନୀୟ ସ୍ତରର ମୂଲ୍ୟକୁ ନେଇ ମୂଲ୍ୟ ନିର୍ଦ୍ଧାରଣ ହୋଇ ନପାରିବାରୁ ଅଞ୍ଚଳ ଭେଦରେ ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟରେ ଏକ ବଡ଼ ଧରଣର ପ୍ରଭେଦ ଦେଖାଯାଇଛି ଯଦ୍ୱାରା ଏହି ବ୍ୟବସାୟକୁ ପ୍ରାଥମିକ ସଂଗ୍ରହକାରୀଙ୍କ ସ୍ୱାର୍ଥରେ ନିୟନ୍ତ୍ରଣ କରିବାରେ ବିଫଳତା ଅଧିକ ସ୍ପଷ୍ଟ ହୋଇପଡୁଛି । ନ୍ୟୂନତମ ସଂଗ୍ରହ ମୂଲ୍ୟ ବ୍ୟବସ୍ଥା ନିଜେ ହିଁ ଯଥେଷ୍ଟ ଦୁର୍ବଳ ଏବଂ ହକ୍ କମିଟି ସୁପାରିଶ କରିଥିବା ନ୍ୟୂନତମ ସମର୍ଥନ ମୂଲ ବ୍ୟବସ୍ଥା ଲାଗୁ ହୋଇପାରିଲେ ହିଁ ପ୍ରାଥମିକ ସଂଗ୍ରହକାରୀଙ୍କ ଶୋଷଣ ଅନେକ ପରିମାଣରେ ଦୂର ହୋଇପାରିବ ବୋଲି ଆଶା ।

## ପାଠକ ପାଠିକାମାନଙ୍କୁ ପଦେ...

**'ଝାଡ଼ଦରବ୍'**ର ପ୍ରକାଶନ ସମ୍ପର୍କିତ ଆବଶ୍ୟକ ମତାମତ ଦେଇ ପତ୍ରିକାଟିକୁ ସମୃଦ୍ଧ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତଦ୍‌ବ୍ୟତୀତ, ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

# ମୂଲ୍ୟ ନିର୍ଦ୍ଧାରଣର ମୂଲ୍ୟ

ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସ୍ଥାନୀୟ ସ୍ତରରେ ମୂଲ୍ୟ ନିର୍ଦ୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଦ୍ରବ୍ୟର ଉପଲବ୍ଧତା, ବ୍ୟାବସାୟିକ ଚାହିଦା, ବ୍ୟବହାର ଧାରା, ସଂଗ୍ରହପାଇଁ ଶ୍ରମ ବିନିଯୋଗ ଆଦି ଦିଗଗୁଡ଼ିକୁ ଦୃଷ୍ଟିରେ ରଖି ମୂଲ୍ୟ ନିର୍ଦ୍ଧାରଣ କରାଗଲେ ପ୍ରାଥମିକ ସଂଗ୍ରହକାରୀମାନେ ଶ୍ରମର ଉପଯୁକ୍ତ ମୂଲ୍ୟ ପାଇପାରିବେ । ଏହା ଗ୍ରାମସଭା ସ୍ତରରୁ ହେବା କଥା । କିନ୍ତୁ ନୀତି ପ୍ରଚଳନର ୧୨ ବର୍ଷ ପରେ ମଧ୍ୟ ଏଥିରେ ଥିବା ତ୍ରୁଟି ବିଚ୍ୟୁତି ଓ ଦୁର୍ବଳତା ଯୋଗୁଁ ରାଜ୍ୟର ଲକ୍ଷ ଲକ୍ଷ ବନ ବାସିନ୍ଦାଙ୍କୁ ଏହା ଖୁବ୍ ବେଶି ସାହାଯ୍ୟ କରିପାରିନାହିଁ ।

ଲଘୁ ବନଜାତ ଦ୍ରବ୍ୟ ରାଜ୍ୟର ବନବାସିନ୍ଦାମାନଙ୍କ ରୋଜଗାରର ଏକ ପ୍ରମୁଖ ମାଧ୍ୟମ । ଏହାର ସଂଗ୍ରହ ଓ ବିକ୍ରୀବଟାରେ ପ୍ରାଥମିକ ସଂଗ୍ରହକାରୀମାନେ କିଭଳି ଶୋଷଣରୁ ମୁକ୍ତି ପାଇବେ ତାହାକୁ ଦୃଷ୍ଟିରେ ରଖି ସରକାର ୨୦୦୦ ମସିହା ମାର୍ଚ୍ଚ ମାସରେ ଏକ ନୂଆ ଲଘୁ ବନଜାତ ଦ୍ରବ୍ୟ ନୀତି ପ୍ରଚଳନ କରିଥିଲେ । ନୂଆ ନୀତି ପ୍ରଚଳନ ପରେ ଆଶା କରାଯାଉଥିଲା ଯେ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ଗ୍ରାମସ୍ତରରୁ ହେବ, ପଞ୍ଚାୟତିରାଜ ସଂସ୍ଥା ଏହାକୁ ତଦାରଖ କରିବ, ବନବିଭାଗ ଆବଶ୍ୟକ ସହଯୋଗ ଯୋଗାଇଦେବ । ଗ୍ରାମପଞ୍ଚାୟତମାନେ ଲଘୁବନଜାତ ଦ୍ରବ୍ୟର କାରବାରକୁ ନିୟନ୍ତ୍ରଣ କରିବେ । ୨୦୦୨ ନଭେମ୍ବର ୧୪ରେ ରାଜ୍ୟ ସରକାର ଓଡ଼ିଶା ପଞ୍ଚାୟତ (ଲଘୁ ବନଜାତ ଦ୍ରବ୍ୟ ପରିଚାଳନା) ନିୟମାବଳୀ ଦୁଇବର୍ଷର ବିଳମ୍ବରେ ହେଲେ ମଧ୍ୟ ପ୍ରଚଳନ କରିବାରୁ ସଂଗ୍ରହକାରୀଙ୍କ ଆଶା ଆକାଙ୍କ୍ଷା ବଢ଼ି ଯାଇଥିଲା । ନିୟମାବଳୀରେ ସରକାର ସ୍ପଷ୍ଟ କରିଥିଲେ ଯେ ପ୍ରତି ବର୍ଷ ସେପ୍ଟେମ୍ବର ମାସରେ ପଞ୍ଚାୟତ ସମିତିର ବୈଠକରେ ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସର୍ବନିମ୍ନ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ । ତେବେ ସ୍ଥାନୀୟ ଆବଶ୍ୟକତା ମୁତାବକ ଗ୍ରାମ ପଞ୍ଚାୟତମାନେ ଏହି ମୂଲ୍ୟରେ ପରିବର୍ତ୍ତନ କରିପାରିବେ । କିନ୍ତୁ ପ୍ରକୃତରେ ଏହା ହେଉନାହିଁ । ୨୦୦୨ର ଏହି ନିୟମାବଳୀ ସଂପର୍କରେ ଅଧିକାଂଶ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ପାଖରେ ସୂଚନା ନାହିଁ । ଜିଲ୍ଲା ସ୍ତରରେ ସର୍ବନିମ୍ନ ସଂଗ୍ରହ ମୂଲ୍ୟ ଘୋଷଣା କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ନିୟମିତ ବ୍ୟବଧାନରେ ମଧ୍ୟ ଏହା ହେଉନାହିଁ । କଳାହାଣ୍ଡି, କୋରାପୁଟ, ଦେବଗଡ଼ ଜିଲ୍ଲାରେ ଏହା ପ୍ରତିବର୍ଷ କେବଳ ଜିଲ୍ଲା ସ୍ତରରେ ହେଉଛି ଅନ୍ୟ ଜିଲ୍ଲା ଗୁଡ଼ିକରେ ପୂର୍ବ ବର୍ଷର ତାଲିକାକୁ ଯଥାରୀତି ଅପରିବର୍ତ୍ତିତ ରଖାଯାଇ ପଞ୍ଚାୟତ ସମିତି ଗୁଡ଼ିକ ନିକଟକୁ ପଠାଇ ଦିଆଯାଉଛି । ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ସଂଗ୍ରହକାରୀଙ୍କ ପ୍ରତିବାଦ ସ୍ୱର ପହଞ୍ଚୁନାହିଁ । ମାନବ ସମ୍ବଳର ଅଭାବ ଦେଖାଇ ନିଜ ସ୍ତରରେ ମୂଲ୍ୟର ପରିବର୍ତ୍ତନ ସଂପର୍କରେ ଆଲୋଚନା କରାଯାଉନାହିଁ କି ପ୍ରତିବାଦ ମଧ୍ୟ କରାଯାଉନାହିଁ । ଜିଲ୍ଲାପାଳ ଓ ପ୍ରଶାସନ ଭାବୁଛନ୍ତି ବୋଧହୁଏ ଏହି ମୂଲ୍ୟକୁ ସଂଗ୍ରହକାରୀମାନେ ମାନିନେଲେ ।

୨୦୦୨ ନଭେମ୍ବର ନିୟମାବଳୀରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କଥା ସୂଚାଇ ଦିଆଯାଇଥିଲା । ସେଥିରେ ଦର୍ଶାଯାଇଥିଲା କି ପଞ୍ଚାୟତ ସମିତି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଜାଣିବା ପରେ ଗ୍ରାମସଭାରେ ଏହା ଆଲୋଚିତ ହେବ ଏବଂ ଅନୁମୋଦିତ ହେବ । କିନ୍ତୁ ରାଜ୍ୟର ଅଧିକାଂଶ ଗ୍ରାମ ସଭାର ବିବରଣୀ ଏବେ ବି ସରକାରୀ କର୍ମଚାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ପୂରଣ ହେଉଛି ଏବଂ ଗ୍ରାମ ସଭାର ସଦସ୍ୟମାନେ ସେଥିରେ ଯାହା ଦସ୍ତଖତ କରୁଛନ୍ତି ବୋଲି ଆମର ଅଧ୍ୟୟନରୁ ଜଣାଯାଇଛି । ନିୟମାବଳୀ ଅନୁଯାୟୀ ପଞ୍ଚାୟତ ସମିତି ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିବାରେ ବ୍ୟର୍ଥ ହେଲେ ଜିଲ୍ଲାପାଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଡ଼ାକି ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବେ, କିନ୍ତୁ ବାସ୍ତବିକ ଭାବେ ଏପରି ଗୋଟିଏ ଘଟଣା ରାଜ୍ୟର କୌଣସି ପଞ୍ଚାୟତ ସମିତିରେ ଘଟିଥିବାର ନଜିର ନାହିଁ । ରାଜ୍ୟ ସରକାର ବିଳମ୍ବରେ ନିର୍ଦ୍ଦେଶ ଜାରି କରିଥିଲେ ମଧ୍ୟ ଆଶା କରାଯାଉଥିଲା ଯେ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ଅନ୍ତତଃ ଯୁଦ୍ଧକାଳୀନ ଭିତ୍ତିରେ ପଞ୍ଚାୟତ ସମିତି ସ୍ତରରେ ବୈଠକ ଡାକି ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ସ୍ଥିର କରିବେ । କିନ୍ତୁ ଏହି ନିୟମଟି ନଭେମ୍ବର ୧୪, ୨୦୦୨ ମସିହାଠାରୁ କେବଳ କାଗଜ ପତ୍ରରେ ରହିଯାଇଛି । ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଏହି ଅବସ୍ଥା । ଯେଉଁ କେତୋଟି ବ୍ଲକ୍‌ରେ ଦର ନିର୍ଦ୍ଧାରଣ ହୋଇଛି ସେଠାରେ ଉଚିତ ପଦ୍ଧତି ଅନୁସରଣ କରାଯାଇନାହିଁ ବା ପଞ୍ଚାୟତ ସମିତି ଦ୍ୱାରା ଦର ନିର୍ଦ୍ଧାରଣ କରାଯିବା ପରେ ଗ୍ରାମସଭାରେ ଆଲୋଚନା କରାଯାଇ ଅନୁମୋଦନ କରାଯିବା ଉପରେ ତତ୍ପରତା ପ୍ରକାଶ କରାଯାଇନାହିଁ । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର କାର୍ଯ୍ୟକାରିତା ଉପରେ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ । କେବଳ ଦର ନିର୍ଦ୍ଧାରଣ କରିଦେଲେ ଯେ କାମ ସରିଗଲା ତାହା ନୁହେଁ, ତଳ ସ୍ତରରେ ଥିବା ପ୍ରାଥମିକ ସଂଗ୍ରହକାରୀମାନେ କିପରି ଏହି ମୂଲ୍ୟ ଜାଣିପାରିବେ, ସର୍ବୋପରି ଏହି ମୂଲ୍ୟ ଦାବୀ କରିପାରିବେ ତାହା ଦୃଷ୍ଟି ଦେବା ମଧ୍ୟ ପଞ୍ଚାୟତ ପ୍ରତିନିଧିମାନଙ୍କର ଏକ ମୁଖ୍ୟ ଦାୟିତ୍ୱ । କିନ୍ତୁ ସରକାର ଜାଣି ଶୁଣି ପଞ୍ଚାୟତିରାଜ ପ୍ରତିନିଧିଙ୍କ ସାମର୍ଥ୍ୟ ଗଠନ ଦିଗରେ ସାମାନ୍ୟ ଅର୍ଥ ବରାଦ କରୁନାହାନ୍ତି । ପୂର୍ବରୁ ଜିଲ୍ଲା ସ୍ତରରେ ଦର ନିର୍ଦ୍ଧାରଣ କରାଯାଉଥିଲାବେଳେ ପ୍ରାଥମିକ ସଂଗ୍ରହକାରୀ ଓ ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମମାନଙ୍କୁ ଗୁରୁତ୍ୱ ଦିଆଯାଉଥିଲା, କିନ୍ତୁ ନୂତନ ବ୍ୟବସ୍ଥାରେ ସରକାର ଏମାନଙ୍କୁ ଗୁରୁତ୍ୱ ଦେଇନାହାନ୍ତି । ସରକାରୀ ବା ବେସରକାରୀ ବ୍ୟାବସାୟିକ ଅନୁଷ୍ଠାନ ଏଥିରେ ଭାଗ ନେଇନଥିବାରୁ ଏହା କେତେଦୂର ଉପଯୋଗୀ ହେବ ସେଥିରେ ସନ୍ଦେହ ରହୁଛି । ପ୍ରତ୍ୟେକ ପଞ୍ଚାୟତ ସମିତିରେ ଠିକ୍ ସମୟରେ ସଠିକ୍ ଓ

ଉପଯୁକ୍ତ ପଦ୍ଧତିରେ ମୂଲ୍ୟ ସ୍ଥିର କରାଯାଇ ଏହାର ବ୍ୟାପକ ପ୍ରଚାର ପ୍ରସାର କରାଯିବା କଥା। ସର୍ବସାଧାରଣ ସ୍ଥାନଗୁଡ଼ିକରେ ବିଜ୍ଞପ୍ତି କରାଯିବା କଥା। ଲଘୁ ବନଜାତ ଦ୍ରବ୍ୟ କିଣାବିକା ପାଇଁ ପଞ୍ଜିକୃତ ହୋଇଥିବା ବ୍ୟବସାୟୀ ସଠିକ ମୂଲ୍ୟ ଦେଉଛନ୍ତି କି ନାହିଁ ତାର ତଦାରଖ କରାଯାଇ ଉପଯୁକ୍ତ ମୂଲ୍ୟ ଦେଉନଥିବା ବ୍ୟବସାୟୀମାନଙ୍କ ଲାଇସେନ୍ସ ବାତିଲ କରାଯାଉ। କ୍ଷତିଗ୍ରସ୍ତ ହେଉଥିବା ପ୍ରଥମିକ ସଂଗ୍ରହକାରୀମାନେ ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟିକୁ ଏକଥାକୁ ଆଣନ୍ତୁ।

ସରକାର ଯେଉଁ ୬୯ଟି ଦ୍ରବ୍ୟର ପରିଚାଳନା ଦାୟିତ୍ୱ ଗ୍ରାମସଭାକୁ ଅର୍ପଣ କରିଛନ୍ତି, ତା'ର କିଣିବାର ମୂଲ୍ୟ ପଞ୍ଚାୟତ ସମିତିମାନେ ୨୦୦୨ ନଭେମ୍ବର ଠାରୁ କରିବା ପାଇଁ ସରକାର ଏକ ନିୟମ ପ୍ରଣୟନ କଲେ ସତ କିନ୍ତୁ ଏଥିରେ ନିଜର ଉତ୍ସାହ ଦେଖାଇଲେ ନାହିଁ। ପଞ୍ଚାୟତ ସମିତି ପ୍ରଥମେ ଦର ନିର୍ଦ୍ଧାରଣ କରି ଗ୍ରାମ ପଞ୍ଚାୟତକୁ ଜଣାଇବା କଥା। ପଞ୍ଚାୟତଗୁଡ଼ିକ ଯଦି ଏହି ମୂଲ୍ୟ ପ୍ରତି ଅରାଜି ତେବେ ପଞ୍ଚାୟତରେ ବିଜ୍ଞପ୍ତି କରି ତାକୁ ବଦଳାଇ ପାରିବେ। ଯେଉଁ ଦାମଟା ଠିକ୍ ହେଲା ସେଇଟାକୁ ତାର ପରବର୍ତ୍ତି ଗ୍ରାମସଭାରେ ଅନୁମୋଦନ କରିବା କଥା। ଯେଉଁମାନେ ପଞ୍ଚାୟତରେ ଏହି ସବୁ ଲଘୁ ବନଜାତ ଦ୍ରବ୍ୟର ବେପାର କରିବେ, ପ୍ରତ୍ୟେକ ମାସ ପଞ୍ଚାୟତରେ କିଏ କେତେ କାରବାର କଲେ ତାର ହିସାବ ଦାଖଲ କରିବେ। ଯେତେ ଶିଘ୍ର ସମ୍ଭବ ନିର୍ଦ୍ଧାରିତ ମୂଲ୍ୟଗୁଡ଼ିକର ସୂଚନା ଗ୍ରାମବାସୀମାନଙ୍କୁ ଦେବା କଥା, କିନ୍ତୁ ପ୍ରଥମରୁ ଏହା ବିଳମ୍ବିତ ହୋଇଆସିଛି। ୨୦୦୦ ମସିହାରେ ନୀତି ହେଲା ସତ ହେଲେ ନୀତିଗୁଡ଼ିକ କାର୍ଯ୍ୟକାରୀ ହେବା ପାଇଁ ନିୟମାବଳୀ ତିଆରି ପାଇଁ ୨ ବର୍ଷ ଲାଗିଗଲା। ସେପ୍ଟେମ୍ବର ମାସରେ ଦରଦାମ ନିର୍ଦ୍ଧାରଣ ହେବା କଥା ନିଷ୍ପତ୍ତି ନିଆଯାଇଥିଲା ହେଲେ ୨୦୦୨ ନଭେମ୍ବର ମାସରେ ୨ମାସ ବିଳମ୍ବରେ ନିୟମାବଳୀ ହେଲା। ଏବେ ମଧ୍ୟ ରାଜ୍ୟର ଜଙ୍ଗଲ ମୂଳକରେ ବନଜାତ ଦ୍ରବ୍ୟ ସଂଗ୍ରହ କରି ବଞ୍ଚୁଥିବା ଆଦିବାସୀ ଓ ବନ ବାସିନ୍ଦାମାନଙ୍କୁ ମୂଲ୍ୟ ନିର୍ଦ୍ଧାରଣ ବାବଦରେ ସୂଚନା ପହଞ୍ଚୁପାରୁନି। ବେପାରୀମାନେ ନିଜ ମର୍ଜି ଉପରେ ଦ୍ରବ୍ୟର କିଣାବିକା କରୁଛନ୍ତି। ସଂଗ୍ରହକାରୀ ମାନଙ୍କ ସଂଗ୍ରହ ସମୟ, ମୂଲ୍ୟଯୋଗର ମୂଲ୍ୟ ଦିଆଯାଉନାହିଁ। ସଂଗ୍ରହକାରୀମାନେ ଦିନକୁ ଦିନ ଶ୍ରମ ଅନୁଯାୟୀ ମୂଲ୍ୟ ପାଉନଥିବାରୁ ଅନ୍ୟ ବୃତ୍ତିରେ ଜୀବିକା କରିବା ପାଇଁ ସଂଘର୍ଷ କରୁଛନ୍ତି। ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକ ଗୋଟିକ ପରେ ଗୋଟିଏ ଜଙ୍ଗଲରେ ପଡ଼ି ନଷ୍ଟ ହେଉଛି। ଦ୍ରବ୍ୟରୁ ଲାଭ ମିଳୁନଥିବାରୁ ଜଙ୍ଗଲ ପ୍ରତି ଅନାସକ୍ତି ଓ ଅନାଗ୍ରହ ବଢୁଛି। ଜଙ୍ଗଲ ପ୍ରତି ଥିବା ଭାବନାରେ ମଧ୍ୟ ପରିବର୍ତ୍ତନର ଛାପ ଦେଖିବାକୁ ମିଳିଲାଣି। ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେଲେ ପରିବେଶ, ଜୀବିକା ଓ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଉପରେ ଏକ ନକାରାତ୍ମକ ପ୍ରଭାବ ପଡ଼ିବ।

**ସଂଗ୍ରହକାରୀ ଶୋଷିତ ବେପାରୀ ମାଲେମାଲ**

ରାଜ୍ୟର ଅନେକ ଜଙ୍ଗଲବହୁଳ ଅଞ୍ଚଳରେ ବେପାରୀମାନଙ୍କ ଶୋଷଣ ଏବେ ବି ଅପରିବର୍ତ୍ତିତ ରହିଛି। ତୃଣମୂଳ ସ୍ତରରୁ ମୂଲ୍ୟ ନିର୍ଦ୍ଧାରଣ ସଠିକ ପଦ୍ଧତିରେ ନହେବା ଏବଂ ବଜାର ସୂଚନା ଉପଲବ୍ଧ ନହେବାରୁ ସଂଗ୍ରହକାରୀମାନେ ବେପାରୀର ନିର୍ଦ୍ଧାରିତ ଦରରେ ବିକ୍ରୀ କରୁଛନ୍ତି ଏବଂ କ୍ରମଶଃ ସେହି ବୃତ୍ତିରୁ ପାରିଶ୍ରମିକ ମିଳୁନଥିବାରୁ ଦ୍ରବ୍ୟ ସଂଗ୍ରହ କରି ଚଳିବା ଆଶା ଛାଡ଼ିବାରେ ଲାଗିଛନ୍ତି। ନିମ୍ନରେ ସଂଗ୍ରହକାରୀମାନଙ୍କ ଦୁର୍ଦ୍ଦଶାର ଚିତ୍ର ବର୍ଣ୍ଣନା କରାଯାଇଛି।

**ମୁଣ୍ଡ ପିଟୁଛନ୍ତି ବାଡୁନ ପ୍ରସ୍ତୁତକାରୀ**

ବାଡୁନ୍ ବା କଣ୍ଟାଝାଡୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଆୟକାରୀ ଦ୍ରବ୍ୟ ଯାହା ପତରା ଜଙ୍ଗଲ ସମେତ ଆଟ ଜମିମାନଙ୍କରେ ଦେଖାଯାଏ। ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଆଦି ଜିଲ୍ଲାରେ ବାଡୁନ ସଂଗ୍ରହରୁ ସଂଗ୍ରହକାରୀମାନେ ୪୦ ଲକ୍ଷ ଟଙ୍କା ୩-୪ ମାସରେ ଆୟ କରିଥାନ୍ତି। ଏହାକୁ ଯଦି ଠିକ୍ ଭାବରେ ଯୋଜନା କରାଯାଆନ୍ତା; ଠିକ୍ ସମୟରେ କିଣିବା ପାଇଁ ପୁଞ୍ଜିର ବ୍ୟବସ୍ଥା କରାଯାଆନ୍ତା ଏବଂ ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରାଯାଆନ୍ତା ତେବେ ସଂଗ୍ରହକାରୀମାନେ ପାଖାପାଖି କୋଟିଏ ଟଙ୍କାର ଆୟ ଏଥିରୁ ପାଇପାରନ୍ତେ। ଆନ୍ଧ୍ରପ୍ରଦେଶର ବେପାରୀମାନେ ବଲାଙ୍ଗୀରରୁ ଏହାକୁ ସଂଗ୍ରହ କରିନେଇ ପ୍ରଚୁର ଲାଭ ପାଉଥିବା ବେଳେ ଆନ୍ଧ୍ର ଭଳି ଓଡ଼ିଶାରେ ଟିଡିସିସି ଓ ବଡ଼ ବ୍ୟବସାୟୀମାନଙ୍କୁ ନିୟୋଜିତ କରାଯାଇ ବାଡୁନ୍ କିଣାବିକାର ବ୍ୟବସ୍ଥା କରାଯାଇନାହିଁ।

ଶ୍ରୀମତୀ ଶୁଣିଲାଗୁଏ, ୬୨ ବର୍ଷର ଜଣେ ଗରିବ ଆଦିବାସୀ ମହିଳା ବାଡୁନ୍ ସଂଗ୍ରହକରି ସେ ୪ ମାସର ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ କରିଥାନ୍ତି। ସକାଳ ୭ରୁ ୨ଟା ଯାଏ ୭ ଘଣ୍ଟା ଧରି ସେ ଗାଁ' ଚାରିପଟୁ ବାଡୁନ୍ ସଂଗ୍ରହ କରନ୍ତି। ଉପରବେଳା ସଂଗୃହୀତ କାଠିକୁ ଖରାରେ ଶୁଖାନ୍ତି। ସଂଜ ପର୍ଯ୍ୟନ୍ତ ବସି ପୂର୍ବ ଦିନର କାଠିରୁ ବଡ଼କାଠି ବାଛି ଝାଡୁ ବାନ୍ଧନ୍ତି। ଗୁନ୍ଥିଲା ବାଡୁନ୍‌କୁ ୧୦ ଟଙ୍କାରେ ଗାଁରେ ବା ପାଖ ହାଟରେ ବିକନ୍ତି। ଗୁନ୍ଥା ହୋଇନଥିବା କାଠିକୁ ମୁଠା ୩ଟଙ୍କା ଦରରେ ବିକନ୍ତି। ପ୍ରତି ସପ୍ତାହରେ ସେ ୨୦ଟି ଗୁନ୍ଥିଲା ବାଡୁନ୍ ବିକି ୨୦୦ ଟଙ୍କା ପାଆନ୍ତି। ଫେବୃୟାରୀ-ମାର୍ଚ୍ଚ ବେଳକୁ ବାଡୁନ୍ ସରିଆସେ ଓ ଆୟ କମିଯାଏ। ବର୍ଷର ଏହି ୩ ମାସରେ ସେ ଅତି ବେଶୀରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ଆନ୍ଧ୍ରର ବେପାରୀମାନେ ବଲାଙ୍ଗୀରରୁ କିଣିଥିବା ବାଡୁନ୍ ନେଇ ଆନ୍ଧ୍ରରେ ଗୋଟିପ୍ରତି ୨୦ରୁ ୨୫ଟଙ୍କା ଦରରେ ବିକନ୍ତି। ଯଦି ରାୟପୁରରେ ଗୋଟିପ୍ରତି ୨୦ଟଙ୍କା, ଆନ୍ଧ୍ରରେ ୨୫ଟଙ୍କା ଦରରେ କିଣାବିକା ହେଉଛି ତେବେ ସୁଶିଳାଙ୍କୁ ଏଠାରେ ଏହି ଦାମ୍ କାହିଁକି ମିଳୁନି ବୋଲି ସେ ପ୍ରଶ୍ନ କରିଛନ୍ତି? ଏ ପ୍ରଶ୍ନର ଉତ୍ତର ନିର୍ବାଚିତ ପ୍ରତିନିଧିମାନେ ଦେଇପାରୁନଥିବାରୁ ସଂଗ୍ରହକାରୀଙ୍କ ସମସ୍ୟା ନୀତି ନିୟମ ପ୍ରବର୍ତ୍ତନ ପରେ ବି ଅବ୍ୟାହତ ରହିଛି।

ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର କେତେକ ଅଞ୍ଚଳରୁ ଚାର ସଂଗ୍ରହ ହୁଏ। ଚୋପା ଛଡ଼ାଇ ବିକିବା ପାଇଁ ମେସିନ ନଥିବାରୁ ସଂଗ୍ରହକାରୀମାନେ ପଡ଼ୋଶୀ ରାଜ୍ୟର ବେପାରୀମାନଙ୍କୁ କୁଚିଆ ଜରିଆରେ ବିକିଥାଆନ୍ତି। ଚାର କେଜି ପ୍ରତି ୨୦ ଟଙ୍କାରୁ ୨୫ ଟଙ୍କା ଦରରେ କୁଚିଆମାନେ କିଣି ନେଇ ୪୦ଟଙ୍କା ଦରରେ ରାୟପୁରର ବେପାରୀମାନଙ୍କୁ ବିକିଥାଆନ୍ତି। ବେପାରୀ କୁଚିଆମାନେ ଅଧିକ ଲାଭ ପାଉଥିବା ବେଳେ ଚାର ସଂଗ୍ରହକାରୀମାନଙ୍କର ଯେଉଁଠି ସମବାୟ ବା ଦଳନାହିଁ ସେଇଠି ସେମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି।

ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ, କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ଜଙ୍ଗଲରୁ ବହୁଳ ପରିମାଣର ମହୁ ଉତ୍ପାଦନ ହୋଇଥାଏ। ଶିମିଳିପାଳ ଜାତୀୟ ଉଦ୍ୟାନର

ଗୁଡୁଗୁଡ଼ିଆ, ଅସ୍ତକୁଅଁର ଓ ଚହେରୀପାଣି ପଞ୍ଚାୟତରେ ମହୁ କେଜିପ୍ରତି ୭୦ ଟଙ୍କାରୁ ୯୦ଙ୍କା ଦରଥିବା ବେଳେ ୨୭ କି.ମି. ପାଖ ବଜାର ଯଶିପୁରରେ ମହୁ ଦର କେଜି ପ୍ରତି ୧୫୦ ଟଙ୍କାରୁ ୧୮୦ଟଙ୍କା ପର୍ଯ୍ୟନ୍ତ କିଣାବିକା ହୋଇଥାଏ । ଉପରୋକ୍ତ ତିନୋଟି ପଞ୍ଚାୟତ ଅଭୟାରଣ୍ୟ ମଧ୍ୟରେ ଥିବାରୁ ମହୁ କିଣାବିକାକୁ ସରକାର ସ୍ୱୀକୃତି ଦେଇନାହାନ୍ତି । ସରକାରୀ କଟକଣାର ଦ୍ୱାହି ଦେଖାଇ ବେପାରୀମାନେ ବର୍ଷ ବର୍ଷ ଧରି ଅସାଧୁ ଉପାୟ ତଥା ମନଇଚ୍ଛା ଦର ନିର୍ଦ୍ଧାରଣ କରିବା ସତ୍ତ୍ୱେ ବି ଗ୍ରାମ ପଞ୍ଚାୟତ ବିରୋଧ କରିବାର ସାମର୍ଥ୍ୟ ହିଁ ନାହିଁ ବୋଲି ଅନେକ ଗ୍ରାମବାସୀ ଓ ନିର୍ବାଚିତ ପ୍ରତିନିଧିମାନେ ଆମ ଆଗରେ କହିଛନ୍ତି ।

ମୟୁରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ ଜିଲ୍ଲାରେ ଦଶଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀ କେବଳ ଶାଳପତ୍ର, ଶିଆଳି ପତ୍ରର ପ୍ଲେଟ ଓ ଦୋପତ୍ରୀ ତିଆରି କରି ଜୀବିକା ନିର୍ବାହ କରିଥାନ୍ତି । ସକାଳୁ ସଂଜ ଯାଏ ଜଙ୍ଗଲକୁ ଜଙ୍ଗଲ ବୁଲି ପତ୍ର ସଂଗ୍ରହ କରିବା, ତାକୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଶୁଖାଇବା, ଘଣ୍ଟା ଘଣ୍ଟା ଧରି ହାତରେ ବା ମେସିନ୍‌ରେ ସିଲାଇବା ବିଡ଼ାବାନ୍ଧି ପ୍ରସ୍ତୁତ କରିବା ଓ ବଜାରରେ ନେଇ ବିକ୍ରୀ କରିବା ଘଣ୍ଟା ଘଣ୍ଟାର କାମ । ଏତେ ସଂଖ୍ୟକ ଲୋକଙ୍କ ଜୀବିକାର ମୁଖ୍ୟ ମାଧ୍ୟମ ହୋଇଥିବା ପତ୍ର ବ୍ୟବସାୟ ପାଇଁ ତୃଣମୂଳ ସ୍ତରରେ ଆବଶ୍ୟକ ବ୍ୟାବସାୟିକ ଯୋଜନା ପ୍ରସ୍ତୁତି ଦିଗରେ ସରକାର ସହାୟତା କରୁନାହାନ୍ତି । ବେପାରୀମାନେ କେଉଁ ଦରରେ କିଣି ନେଉଛନ୍ତି ସଠିକ୍ ମୂଲ୍ୟ ଦେଉଛନ୍ତି କି ନାହିଁ ତଦାରଖ ବ୍ୟବସ୍ଥା ନାହିଁ । ଲାଇସେନ୍ସ ପ୍ରାପ୍ତ ଠିକାଦାରମାନେ ମନ ମୁତାବକ ଦର ଦେଉନଥିବାରୁ ଶିଆଳି ପତ୍ର ସଂଗ୍ରହକାରୀଙ୍କ ସଂଖ୍ୟା ହ୍ରାସ ପାଇଛି । ଟିକାବାଲି ମାଳ ବାଣିଜ୍ୟ ସମବାୟ ସମିତି ବିଫଳ ହେବା ପରେ କନ୍ଧମାଳରେ ଆନ୍ଧ୍ର ବେପାରୀ ଗାଁ' ଗାଁ'ରେ ଏହି କାରବାରରୁ ବ୍ୟାପକ ଫାଇଦା ମାରିନେଉଛନ୍ତି । ଅନ୍ୟ ପଟରେ ଆଦିବାସୀ ସଂଗ୍ରହକାରୀଙ୍କ ଆର୍ଥିକ ସ୍ଥିତିର ପରିବର୍ତ୍ତନ ହେଉନଥିବା ଜଣାଯାଇଛି ।

'ପେସା' ଓ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ କେନ୍ଦୁପତ୍ର ଓ ବାଉଁଶକୁ ଲଘୁ ବନଜାତ ଦ୍ରବ୍ୟ ପରିଚାଳନା ନିୟନ୍ତ୍ରଣ ଓ ମାଲିକାନା ଦେବା କଥା । ଅମଳଯୋଗ୍ୟ ବାଉଁଶ ଓ କେନ୍ଦୁପତ୍ର ଉପରେ ନିଷ୍ପତ୍ତି ନେବା, ବିକ୍ରେତା ଚୟନ କରିବା, ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିବା, ଆଇନ ଅମାନ୍ୟକାରୀଙ୍କୁ ଦଣ୍ଡଦେବା, ବ୍ୟବସାୟପାଇଁ ପାଣ୍ଠି ଯୋଗାଡ଼ କରିବା ଆଦି, ମାଲିକାନା ପରିସର ଭୁକ୍ତ, କିନ୍ତୁ ଦୁଃଖର କଥା ଏହି ଦୁଇଟି ଦ୍ରବ୍ୟ ଉପରେ ଏବେ ବି ସରକାରଙ୍କ ନିୟନ୍ତ୍ରଣ ଓ ମାଲିକାନା ରହିଥିବାରୁ ବନ ବାସିନ୍ଦାମାନେ ଏହି ଦୁଇଟି ପ୍ରମୁଖ ଦ୍ରବ୍ୟରୁ ଯେଉଁଳି ଭାବେ ଉପକୃତ ହୋଇପାରିବା କଥା ତାହା ଦୂର ସ୍ୱପ୍ନ ହୋଇ ରହିଯାଇଛି । ରାଜ୍ୟରେ ୩୦ ହଜାର ବାଉଁଶ କାରିଗର ମଧ୍ୟ ଠିକ୍ ଦରରେ ଠିକ୍ ସମୟରେ ବାଉଁଶ ପାଇନପାରି ବୃତ୍ତିହରା ହେଉଛନ୍ତି । ବନଜାତ ଦ୍ରବ୍ୟ ସଂଗ୍ରହକାରୀ ଜଙ୍ଗଲ ଆୟ ମଧ୍ୟରୁ କେବଳ କେନ୍ଦୁପତ୍ରରୁ ୭୦ ପ୍ରତିଶତ ପାଉଛନ୍ତି । ୧୯୯୯-୨୦୦୦ରେ ଏହା ୭୪ ପ୍ରତିଶତ ଥିଲା । ୪ଜଣ ବ୍ୟକ୍ତି ଦିନକୁ ୧୨ ଘଣ୍ଟା ଓ ୨ଜଣ ଶିଶୁ ୫ଘଣ୍ଟା ପରିଶ୍ରମ କରି ୨୧ ଦିନରେ ୩୧୦ଟଙ୍କାର ପତ୍ର ବିକିଥିବା ଆରସିଡିସିର ଏକ ଅଧ୍ୟୟନରୁ ଜଣାଯାଏ । ଏହାକୁ ହିସାବ କଲେ ସରକାର କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥ ଓ ସର୍ବନିମ୍ନ ମଜୁରୀ ଆଇନକୁ କେତେ ଜଗୁଛନ୍ତି ବେଶ୍ ଅନୁମାନ କରିହୁଏ ।

ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରାଥମିକ ସଂଗ୍ରହକାରୀଙ୍କ ଜୀବନକୁ ଅନେକ ପ୍ରଭାବିତ କରିଥାଏ । ସାମାଜିକ ଆର୍ଥିକ ସାଂଗଠନିକ ଓ ରାଜନୈତିକ ସ୍ଥିତାବସ୍ଥାର ପରିବର୍ତ୍ତନ ପାଇଁ ମୂଲ୍ୟ ନିର୍ଦ୍ଧାରଣର ମୂଲ୍ୟ ଗରିବ ସଂଗ୍ରହକାରୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ମନେହୁଏ । ଯାହାକୁ କି ଅତ୍ୟନ୍ତ ଅବଜ୍ଞା କରାଯାଉଛି ।

✧✧✧

## ନ୍ୟୁନତମ ସଂଗ୍ରହ ମୂଲ୍ୟ ବନାମ ନ୍ୟୁନତମ ସହାୟକ ମୂଲ୍ୟ

ସରକାର ଧାନ ଭଳି କେତେକ କୃଷିଜାତ ଦ୍ରବ୍ୟ ପାଇଁ ନ୍ୟୁନତମ ସହାୟକ ମୂଲ୍ୟ ଘୋଷଣା କରିଥା'ନ୍ତି । ଲଘୁ ବନଜାତ ଦ୍ରବ୍ୟ ପାଇଁ ନ୍ୟୁନତମ ସଂଗ୍ରହ ମୂଲ୍ୟର ବ୍ୟବସ୍ଥା ରଖିଛନ୍ତି । ସହାୟକ ମୂଲ୍ୟର ଅର୍ଥ ଚାଷୀ/ଉତ୍ପାଦନକାରୀ ବଜାରରେ ଯଦି ଅତି କମ୍‌ରେ ସେତିକି ଦର ନପାଏ, ତେବେ ସରକାର କିଣିନେବେ ଅର୍ଥାତ୍, ସହାୟକ ମୂଲ୍ୟ ଘୋଷଣା ସରକାରଙ୍କ ଦାୟିତ୍ୱ ବଢ଼ାଏ । କିନ୍ତୁ ସଂଗ୍ରହ ମୂଲ୍ୟରେ ସେ ଦାୟିତ୍ୱ ନାହିଁ, ସରକାର କିଣି ନେବାର ପ୍ରତିଶ୍ରୁତି ନାହିଁ । ସେଥିପାଇଁ ଓଡ଼ିଶା ସରକାର ଲଘୁ ବନଜାତ ଦ୍ରବ୍ୟ ପାଇଁ ନ୍ୟୁନତମ ସଂଗ୍ରହ ମୂଲ୍ୟର ବ୍ୟବସ୍ଥା କରିବା ମୂଳରୁ ହିଁ ଏକ ଦୂର୍ବଳ ଏବଂ ନିର୍ଭର ଯୋଗ୍ୟ ନହେବା ଭଳି ବ୍ୟବସ୍ଥା ଯେଉଁ କାରଣରୁ ଏହାର ବିଶେଷ କୌଣସି ସୁଫଳ ମିଳିପାରିନାହିଁ । ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏଇ ପ୍ରସଙ୍ଗରେ ଗଠନ କରିଥିବା ହକ୍ କମିଟି ୨୦୧୧ ମସିହାରେ ତେଣୁ ସୁପାରିଶ କରିଛନ୍ତି ଯେ ବାଉଁଶ, ଲାଖ, ଚାରଦାନା, କେନ୍ଦୁପତ୍ର, କରଞ୍ଜ ମଞ୍ଜି, ତେନ୍ତୁଳି, ମହୁଲ, ଟୋଳ, ଶାଳ ମଞ୍ଜି, ଚାକୁଣ୍ଡା ମଞ୍ଜି, ନିମ ମଞ୍ଜି, ଗେଣ୍ଡୁଲି ଅଠା, ମହୁ, ତଥା ହରିଡ଼ା ପାଇଁ ନ୍ୟୁନତମ ସହାୟକ ମୂଲ୍ୟ ଦେଶରେ ଲାଗୁ କରାଯାଉ । ଏ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ପ୍ରାଥମିକ ସଂଗ୍ରହକାରୀ ନିଶ୍ଚିତ ଉପକୃତ ହେବେ ।

✧✧✧

# ଖାଦ୍ୟ ନିରାପତ୍ତା ପାଇଁ ବନଜାତ ଦ୍ରବ୍ୟର ପରିଚାଳନା

ଆମ ରାଜ୍ୟର ଲକ୍ଷାଧିକ ବନବାସିନ୍ଦା ଜଙ୍ଗଲ ଉପରେ ନିର୍ଭରଶୀଳ। ଶତାଧିକ ପ୍ରଜାତିର ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀବଟା କରି ସେମାନେ ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ କରିଥାନ୍ତି। ବନଜାତ ଦ୍ରବ୍ୟ ସଂଗ୍ରହରୁ ବନବାସିନ୍ଦାମାନେ ୬-୮ମାସ ଚଳୁଥିବା ବିଭିନ୍ନ ଅଧ୍ୟୟନରୁ ଜଣାଯାଏ। ଲୋକେ ବନଜାତ ଦ୍ରବ୍ୟକୁ ସିଧାସଳଖ ବ୍ୟବହାରରେ ଲଗାନ୍ତି। କେବଳ ଯେ ବନବାସୀମାନଙ୍କ ପାଇଁ ଲଘୁ ବନଜାତ ଦ୍ରବ୍ୟର କାରବାର ଗୁରୁତ୍ୱପୂର୍ଣ୍ଣ ତା’ ନୁହେଁ, ରାଜ୍ୟ ସରକାର ଜଙ୍ଗଲରୁ ଯେତେ ରାଜସ୍ୱ ପାଇଥାଆନ୍ତି ତାର ପ୍ରାୟ ୮୦-୮୫ ଭାଗ ଲଘୁ ବନଜାତ ଦ୍ରବ୍ୟରୁ ମିଳିଥାଏ। କେନ୍ଦୁପତ୍ର, ବାଉଁଶ ଆଦିରୁ ସରକାର ଯେଉଁ ରାଜସ୍ୱ ପାଆନ୍ତି ସେହି ଅର୍ଥରୁ ଏକ ମୋଟା ପରିମାଣକୁ ସରକାର ଜଙ୍ଗଲ କ୍ଷେତ୍ରର ବିକାଶ ବଦଳରେ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣରେ ବିନିଯୋଗ କରନ୍ତି। ଯେଉଁ ଜଙ୍ଗଲ କାରଣରୁ ଲକ୍ଷ ଲକ୍ଷ ଆଦିବାସୀଙ୍କ ଖାଦ୍ୟ ବସ୍ତ୍ର, ଔଷଧ, କୃଷି, ସଂସ୍କୃତି ଓ ଧର୍ମ ଧାରା ସମୃଦ୍ଧ ସେହି ଜଙ୍ଗଲ କ୍ଷେତ୍ର ପାଇଁ ପରିଚାଳନାଗତ ତ୍ରୁଟି ଏବେ ବ୍ୟାପକ ଭାବରେ ପରିଲକ୍ଷିତ ହେଉଛି। ଜଙ୍ଗଲକୁ ନେଇ ଜୀବିକାରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

୨୦୦୦ ମାର୍ଚ୍ଚ ମାସରେ ରାଜ୍ୟ ସରକାର ପ୍ରଥମ ଥର ସକାଶେ ବନବାସୀଙ୍କର ଜୀବନ ଓ ଜୀବିକା କ୍ଷେତ୍ରରେ ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ପ୍ରଥମେ ୬୦ ଓ ପରେ ୯ଟି ମୋଟ ୬୯ଟି ଲଘୁ ବନଜାତ ଦ୍ରବ୍ୟର ମାଲିକାନା ଗ୍ରାମ ପଞ୍ଚାୟତଗୁଡ଼ିକ ହାତରେ ପ୍ରତ୍ୟାର୍ପଣ କରିଥିଲେ। ଦୀର୍ଘଦିନ ଧରି ପ୍ରଚଳିତ ଦୀର୍ଘକାଳୀନ ଏକଚାଟିଆ ଲିଜ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ବନଜାତ ଦ୍ରବ୍ୟପାଇଁ ଏକାଧିକ କ୍ରେତା ସୃଷ୍ଟି କରିବା ସକାଶେ ନୀତିଗତ ବ୍ୟବସ୍ଥା ତିଆରି ହେଲା, ଲଘୁ ବନଜାତ ଦ୍ରବ୍ୟ କାରବାରର ବିକେନ୍ଦ୍ରୀକରଣ କରିବା ସଙ୍ଗେ ସଙ୍ଗେ ପ୍ରାଥମିକ ସଂଗ୍ରହକାରୀମାନଙ୍କର ସମବାୟ ସମିତି, ଲୋକ ସଂଗଠନ ଇତ୍ୟାଦିକୁ ବନଜାତ ଦ୍ରବ୍ୟ କାରବାର, ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୋଗ କାର୍ଯ୍ୟ କରିବାକୁ ଏହା ଉତ୍ସାହିତ କରିବ ବୋଲି କୁହାଗଲା। ରାଜ୍ୟ ସରକାର ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର କାରବାରକୁ ନିୟନ୍ତ୍ରିତ କରିବା ସକାଶେ ଗ୍ରାମ ପଞ୍ଚାୟତଗୁଡ଼ିକୁ କ୍ଷମତା ଦେବା ପରେ ଆଶା କରାଯାଉଥିଲା ଯେ ଅବସ୍ଥାରେ ଉନ୍ନତି ଘଟିବ। ବର୍ଷ ବର୍ଷ ଧରି ଯେଉଁ ବନବାସିନ୍ଦାମାନେ ଖାଦ୍ୟ ବସ୍ତ୍ର ବାସଗୃହ ଓ ଅନ୍ୟାନ ଅନେକ ଆବଶ୍ୟକତା ପାଇଁ ଜଙ୍ଗଲକୁ ପ୍ରମୁଖ ଉତ୍ସ ଭାବେ ମାନି ଆସିଥିଲେ ଏହାଦ୍ୱାରା ସେମାନେ ବିଶେଷ ଉପକୃତ ହେବେ। ରାଜ୍ୟର ୧୮ଟି ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ସମେତ ଲକ୍ଷ ଲକ୍ଷ ବନବାସିନ୍ଦାମାନଙ୍କ ରୋଜଗାରରେ ନିଶ୍ଚିତତା ଅଣାଯାଇ ପାରିବ। ମାତ୍ର ଦେଖାଗଲା ଯେ ଅନେକ କ୍ଷେତ୍ରରେ ଲଘୁ ବନଜାତ ଦ୍ରବ୍ୟ କାରବାରରେ ଉନ୍ନତି ଘଟିବା ପରିବର୍ତ୍ତେ ବରଂ ଅବନତି ଘଟିଲା। ଲଘୁ ବନଜାତ ଦ୍ରବ୍ୟର କାରବାର କ୍ଷେତ୍ରରେ ଏକ ଅରାଜକ ଅବସ୍ଥା ସୃଷ୍ଟି ହେବାକୁ ଲାଗିଲା। ଏପରି ହେବାର ମୁଖ୍ୟ କାରଣ ହେଲା ଯେ, ସରକାର ସିନା ନୂଆ ଲଘୁ ବନଜାତ ଦ୍ରବ୍ୟ ନୀତି ଏବଂ ପରବର୍ତ୍ତୀ ସମୟରେ ଏହି ନୀତିକୁ କାର୍ଯ୍ୟକାରୀ କରିବା ସକାଶେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି କରିଦେଲେ, ମାତ୍ର ଏଗୁଡ଼ିକ ଗ୍ରାମ ପଞ୍ଚାୟତ ନିକଟରେ ପହଞ୍ଚି ପାରିଲାନାହିଁ। ଅନେକ ପଞ୍ଚାୟତରେ ନୂଆ ନିର୍ବାଚିତ ପ୍ରତିନିଧିମାନେ ଏ ବିଷୟରେ ଅନଭିଜ୍ଞ ଥିବାରୁ ସେମାନେ କେବଳ ନୀରବ ଦର୍ଶକଟିଏ ହୋଇ ରହିବାର ଭୂମିକା ତୁଲାଇଲେ। ଲଘୁ ବନଜାତ ଦ୍ରବ୍ୟର ନିୟନ୍ତ୍ରଣ ପରିଚାଳନା ନିମନ୍ତେ ଗ୍ରାମ ପଞ୍ଚାୟତକୁ ଆଇନ ପ୍ରଣୟନର ଅଧିକାର କଥା କୁହାଗଲା କିନ୍ତୁ ଏ ଦିଗରେ ଆବଶ୍ୟକ ସହଯୋଗ ସରକାରଙ୍କ ପକ୍ଷରୁ କରାଗଲାନାହିଁ। ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ଟିକସ ବସାଇବାର ଅଧିକାର ସଂପର୍କରେ ପ୍ରକ୍ରିୟା ଆରମ୍ଭ କରାଗଲା ନାହିଁ। ଦ୍ରବ୍ୟ ପ୍ରତି ୧୦୦ ଟଙ୍କା ପଞ୍ଜିକରଣ ଦେୟ ଦେଇ ମନଇଚ୍ଛା ପରିମାଣର ଦ୍ରବ୍ୟ ବେପାରୀମାନେ କିଣି ନେବାର ଦେଖାଗଲା। ପରିମାଣ ଦୃଷ୍ଟିରୁ ପଞ୍ଜିକରଣ ଦେୟ ବୃଦ୍ଧି ଦିଗରେ ରାଜ୍ୟର ଗୋଟିଏ ହେଲେ ବି ପଞ୍ଚାୟତ ନିଜର ଏକ ରିଜୋଲୁସନ କରି ଟିକସ ଆଦାୟ କରିବାରେ ଅସମର୍ଥ ହେଲେ। ଯେଉଁ ଦ୍ରବ୍ୟର ବ୍ୟାବସାୟିକ ଚାହିଦା ଓ ଫାଇଦା ଅଛି ବେପାରୀମାନେ ସେହି ଦ୍ରବ୍ୟ ସଂଗ୍ରହ ପାଇଁ ପରସ୍ପର ପ୍ରତିଦ୍ୱନ୍ଦିତା କରି ୧୦୦ ଟଙ୍କା ଦେୟରେ ପଞ୍ଜିକରଣ ହାର ନିଜ ସାମର୍ଥ୍ୟ ଅନୁଯାୟୀ ଦ୍ରବ୍ୟ କିଣିନେବାରେ ଲାଗିଲେ। ସଂଗ୍ରହକାରୀମାନେ ବେପାରୀମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଦ୍ରବ୍ୟ ବିକ୍ରୀ କରିବାକୁ ଲାଗିଲେ। ଜଙ୍ଗଲ ଓ ଦ୍ରବ୍ୟ ଭିତ୍ତିକ ଯୋଜନା ତିଆରି କରିବା, ସହନୀୟ ଆହରଣ ପ୍ରକ୍ରିୟାକୁ ମାନିବା ଆଦୌ ଦେଖାଗଲା ନାହିଁ। କୁସୁମ ମଞ୍ଜି, ଚାର ମଞ୍ଜି, ଶତାବରୀ ମୂଳ, ପାଲୁଅ କନ୍ଦ, ଅଁଳା, ବିଡ଼ଙ୍ଗ ମଞ୍ଜି ପାଇଁ ଲୋକେ ଗଛ କାଟି ଦେବାକୁ ଓ ଉପାଡ଼ି ଦେବାକୁ ମଧ୍ୟ ଚିନ୍ତାକଲେ ନାହିଁ। କେଉଁ ଦ୍ରବ୍ୟ କେବେ ଅମଳ ହେବ, କିପରି ସଂଗ୍ରହ କରାଯିବ, କେଉଁଠି ବିକ୍ରୀ କରାଯିବ, କିଏ କିଣିବ, କେତେ ଦାମ୍‌ରେ ବିକ୍ରୀ କରାଯିବ, କେବେ କେଉଁଠି, କିପରି ଭାବେ ବିକ୍ରୀ କରାଯିବ ସେ ନିଷ୍ପତ୍ତି ସଂଗ୍ରହକାରୀ ପରିବର୍ତ୍ତେ ବ୍ୟବସାୟୀମାନେ ହିଁ ନେଇ ଆସିଛନ୍ତି। ସଂଗ୍ରହକାରୀ ବିକ୍ରେତା ଚୟନ କରିବାର ସାମର୍ଥ୍ୟ ରଖିନି ବରଂ ବିକ୍ରେତା କାହାଠୁ କିଣିବ ଚୟନ କରୁଛି। ସରକାର ପଞ୍ଚାୟତ ସମିତି ହାତରେ ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ଦେଇ ତୁନି ହୋଇ ବସିଗଲେ; କେଉଁ ମାସରେ ହେବ, କେଉଁ ଆଧାରରେ ହେବ, କିଏ କିଏ ଏଥିରେ ଭାଗ ନେବେ ଚୂଡ଼ାନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନ ଓ ସଂଗ୍ରହକାରୀଙ୍କୁ କେଉଁ ତାରିଖ ସୁଦ୍ଧା ଦିଆଯିବ, ଚୂଡ଼ାନ୍ତ ତାଲିକାରେ ଖିଲାଫ୍ ହେଲେ କିଏ ଉତ୍ତରଦାୟୀ ରହିବେ, ଏସବୁ କଡ଼ା କଡ଼ି ତଦାରଖ ଓ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁରୁଣା ତାଲିକାକୁ ମନୋମୁଖୀ ଭାବେ ସାମାନ୍ୟ ଅଦଳବଦଳ କରାଯାଇ ତାଲିପକା କାମ ଚାଲୁଥିବାରୁ ପ୍ରାଥମିକ

ସଂଗ୍ରହକାରୀମାନଙ୍କ ରୋଜଗାର ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନର ସୂଚକ ପ୍ରତିଫଳିତ ହେଉନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ଏବଂ ବ୍ୟବସାୟ ନିମନ୍ତେ ପାଣ୍ଠି ଯୋଗାଡ଼ର କ୍ଷମତା ପଞ୍ଚାୟତର ନାହିଁ। ଆଦିବାସୀ ଉନ୍ନୟନ ସମବାୟ ନିଗମ (ଶାଳମଞ୍ଜି), ଓ.ଏଫ୍.ଡି.ସି. (ଶାଳ ମଞ୍ଜି ଓ ବାଉଁଶ), ଓରମାସ୍ (ଫୁଲଝାଡ୍ରୁ), ଟ୍ରାଇଫେଡ୍, (ମହୁ) ଟିକାବାଲିମାଳ ବାଣିଜ୍ୟ ସମବାୟ ସମିତି (ତେନ୍ତୁଳି ଓ ଖଲିପତ୍ର) ଆଦିର ବ୍ୟବସାୟ ପାଇଁ ସରକାରଙ୍କ ଠାରୁ ବ୍ୟାପକ ଅଗ୍ରୀମ ଅର୍ଥ ପାଇଥିବା ସ୍ଥଳେ ସଫଳତା ପାଇନାହାନ୍ତି। ଏ କ୍ଷେତ୍ରରେ ବିନା ପୁଞ୍ଜିରେ ଗ୍ରାମ ପଞ୍ଚାୟତ କିଭଳି ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା କରିପାରିବ, ବୁଝି ହେଉନାହିଁ। ରାଜ୍ୟର ଅନେକ ଆଦିବାସୀ ବହୁଳ ପଞ୍ଚାୟତ ରହିଛି ଯେଉଁ ଅଞ୍ଚଳକୁ ରାସ୍ତା ନାହିଁ। ଗମନା ଗମନର ବିପର୍ଯ୍ୟସ୍ତତା କାରଣରୁ ସଂପୃକ୍ତ ଗୋଷ୍ଠୀମାନେ ଏପରି ବ୍ୟବସାୟ କରିପାରୁନାହାନ୍ତି। ଲୋକଙ୍କ ଅସହାୟତାର ଫାଇଦା ନେଉଛନ୍ତି କୁଚିଆ ବେପାରୀମାନେ। ଲୁଣ ବଦଳରେ ଚାର ମଞ୍ଜି, ତେନ୍ତୁଳି, ଅନାୟାସରେ ସଂଗ୍ରହ କରିପାରୁଛନ୍ତି। ତେନ୍ତୁଳି ଗଛରେ ଭରା ଫୁଲ ଦେଖି ଅତିରିକ୍ତ ଆୟର ସ୍ୱପ୍ନରେ ମସ୍‌ଗୁଲ ଥିବା ଆଦିବାସୀ ପରିବାର ଜରୁରୀ ଆବଶ୍ୟକତା ପାଇଁ ପୂରା ଗଛଟିକୁ ୧୦୦/୨୦୦ ଟଙ୍କାରେ ବେପାରୀକୁ ଲିଜ୍ ଦେବା ଘଟଣା ଘଟୁଛି।

ବନ୍ଧୁଗାଁ ପଞ୍ଚାୟତ ସମିତି ଅଧୀନସ୍ଥ ଅନେକ ଗାଁ'ରେ ସ୍ଥାନୀୟ ବାସିନ୍ଦାମାନେ ଛୋଟ ପରିମାଣର ଅର୍ଥର ଆବଶ୍ୟକତା ପାଇଁ ତେନ୍ତୁଳି ଗଛକୁ ବନ୍ଧା ପକାଇ ଦେବାର ନଜିର ରହିଛି। ଗ୍ରାମ ପଞ୍ଚାୟତ ବା ସ୍ଥାନୀୟ ଗୋଷ୍ଠୀ ସଂଗଠନଗୁଡ଼ିକ ନିକଟରେ ପାଣ୍ଠି ଯୋଗାଡ଼ ଦକ୍ଷତା ଯେତେଦିନ ପର୍ଯ୍ୟନ୍ତ ବିକଶିତ କରା ନଯାଇଛି ସେତେଦିନ ପର୍ଯ୍ୟନ୍ତ ମାଲିକାନା ଶବ୍ଦଟି କେବଳ ନୀତି ନିୟମର ପୃଷ୍ଠାରେ ରହି ପଢ଼ିବାକୁ ଭଲ ଲାଗୁଥିବ। ଗ୍ରାମସଭାର ସଭ୍ୟମାନଙ୍କ ମଧ୍ୟରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ନିମନ୍ତେ ଥିବା ଆଇନ କାନୁନ୍ ପହଞ୍ଚାଇବା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଉନାହିଁ। ବ୍ୟବସାୟୀମାନଙ୍କ ଠାରୁ ଦ୍ରବ୍ୟର ପରିମାଣ ଅନୁଯାୟୀ ପଞ୍ଜିକରଣ ଦେୟ ବୃଦ୍ଧି, ଆୟବ୍ୟୟର ସଠିକ ହିସାବ, ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ନିମନ୍ତେ ଗ୍ରାମସଭା ଓ ପଲ୍ଲୀସଭା ସଦସ୍ୟମାନଙ୍କର ସାମର୍ଥ୍ୟ ଗଠନ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ଓ ମୂଲ୍ୟଯୁକ୍ତ କରିବା ନିମନ୍ତେ ବ୍ୟବସାୟୀ ଓ ବଜାର ସଂଯୋଗୀକରଣ ଦିଗରେ ଉନ୍ନତ ସ୍ଥିତି ଅଣାଗଲେ ଯାଇ ଆମେ କହିବା ଯେ ଉତ୍ତମ ପରିଚାଳନା ବ୍ୟବସ୍ଥା ସଫଳ ହୋଇଛି ବୋଲି। କିନ୍ତୁ ଅଦ୍ୟାବଧି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଅନେକ ପ୍ରଜାତିର ବୃକ୍ଷଲତା ଓ ତାହାର ଘଞ୍ଚତା ଓ ସାନ୍ଦ୍ରତାକୁ ମପାଯାଇପାରିନାହିଁ। ପଞ୍ଚାୟତ ଅଞ୍ଚଳରେ ବନଜାତ ଦ୍ରବ୍ୟଭିତ୍ତିକ ବୃକ୍ଷଲତାର ସଂଖ୍ୟା, ପ୍ରଜାତି, ପରିମାଣ, ଉତ୍ପାଦନ ପରିମାଣର ସଠିକ ହିସାବକୁ ନା ଜାଣିଛନ୍ତି ସଂଗ୍ରହକାରୀ ନା ପଞ୍ଚାୟତିରାଜ ସଂସ୍ଥା। ବ୍ୟବସାୟିକ ଜଗତର ଉଦ୍ଭାବନ ଓ ନୂଆ ନୂଆ ପ୍ରକାର ବ୍ୟାବହାରୀକତାକୁ ନେଇ ବଜାର ସୃଷ୍ଟି ହେଉଛି ଓ ଜଙ୍ଗଲ ନିଃଶେଷ ହେବାରେ ଲାଗିଛି।

ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଗୋଷ୍ଠୀଙ୍କ ସମସ୍ୟାକୁ ସମ୍ବୋଧିତ ପାଇଁ ସରକାର ବିଭିନ୍ନ ସମୟରେ ବିଭିନ୍ନ ନୀତି ନିୟମ ଓ ଆଇନକାନୁନ ଗଢ଼ିଛନ୍ତି। ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତିରାଜ ସଂପ୍ରସାରଣ ଆଇନ (ପେସା) ୧୯୯୬ରେ, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ଓ ନିୟନ୍ତ୍ରଣ ଆଇନ, ୨୦୦୦ରେ ଓ ଜଙ୍ଗଲ ଅଧିକାର ଆଇନ, ୨୦୦୭ ଅନୁସାରେ ଗୋଷ୍ଠୀ ସମ୍ବଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି କିନ୍ତୁ ଫଳ ମିଳିପାରିନାହିଁ। ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ଜଙ୍ଗଲଜାତ ଦ୍ରବ୍ୟର ସଠିକ ଅମଳ ଓ ପ୍ରକ୍ରିୟାକରଣ ଅଭ୍ୟାସ ହୋଇନପାରିବା, ସଂଗ୍ରହ ସଂରକ୍ଷଣ ଓ ପରିବହନର ତଦାରଖ ସଠିକ ଭାବରେ କାର୍ଯ୍ୟକାରୀ ନହେବା, ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣରେ ଗ୍ରାମ ପଞ୍ଚାୟତର ଭୂମିକା ପ୍ରତିଫଳିତ ନହେବା କାରଣରୁ ପ୍ରାଥମିକ ସଂଗ୍ରହକାରୀମାନଙ୍କ ଖାଦ୍ୟ ନିରାପତ୍ତା ବିପନ୍ନ ହେବାରେ ଲାଗିଛି।



ଏକଦା ଜଙ୍ଗଲ ଅଞ୍ଚଳର ବହୁ ବାସିନ୍ଦାମାନେ ଜଙ୍ଗଲର ଖାଦ୍ୟ ବିବିଧତାର ପୂର୍ଣ୍ଣ ଉପଯୋଗ କରୁଥିଲେ। ପିଟାଆଳୁ, ବାୟାଁ ଆଳୁ, ଚେରଙ୍ଗା କନ୍ଦା, ପିଟା କନ୍ଦା, କରଡ଼ି, କେନ୍ଦୁ, କୁସୁମ ମଞ୍ଜି, ଜେଉଠ, ଶାଗ, ଅନେକ ପ୍ରକାର କୋଳି କ୍ରମଶଃ ପୂର୍ବ ସ୍ଥିତିରେ ନାହିଁ। ଅସହନୀୟ ଆହରଣ, ଖାଦ୍ୟାଭ୍ୟାସରେ ପରିବର୍ତ୍ତନ, ଜଙ୍ଗଲ କ୍ଷୟ ଓ ଜଙ୍ଗଲ ନିଆଁରେ ଅନେକ ବିବିଧତା ନଷ୍ଟ ହୋଇଗଲା। ବ୍ୟାବସାୟିକ ଚାହିଦା ଏକ ଭଲ କଥା ହୋଇଥିଲେ ହେଁ ଏଥିରୁ ଠିକ୍ ସଂଗ୍ରହମୂଲ୍ୟ ନ ମିଳିବା ସାଙ୍ଗକୁ ପରିବେଶରୁ ସଂପୂର୍ଣ୍ଣ ଉଜୁଡ଼ି ଯିବା ଖାଦ୍ୟ ନିରାପତ୍ତାକୁ ବିପନ୍ନ କରି ପକାଇଛି।

ଅଳ୍ପ ମିଳୁଥିବା ପ୍ରଜାତିଗୁଡ଼ିକ ସଂଗ୍ରହର ଏକ ସର୍ବାଧିକ ସୀମା ଗ୍ରାମ ପଞ୍ଚାୟତ ନିର୍ଦ୍ଧାରଣ କରି ବଛା ବଛା ବ୍ୟବସାୟୀଙ୍କୁ ଏହାର ସଂଗ୍ରହ ନିମନ୍ତେ ଲାଇସେନ୍ସ ଦେବାର ପ୍ରକ୍ରିୟା ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ ଆଶା କରୁଥିବା ଭଳି ହୋଇପାରିନାହିଁ। ଲୋପ ପାଇଯାଉଥିବା ପ୍ରଜାତିଗୁଡ଼ିକର ସଂଗ୍ରହ ନିମନ୍ତେ ଗ୍ରାମ ପଞ୍ଚାୟତ ଲାଇସେନ୍ସ ଦେବ କି ନାହିଁ ତାହା ନିର୍ଦ୍ଧାରଣ କରିବାରେ ମଧ୍ୟ ପଞ୍ଚାୟତଗୁଡ଼ିକର ସାମର୍ଥ୍ୟ ଗଠନ ହୋଇପାରିନାହିଁ। ଏଠାରେ କୋଚିଲା ଗଛର ଉଦାହରଣ ନିଆଯାଉ। କୋଚିଲା ମଞ୍ଜି ଖାଇ କୋଚିଲା ଖାଇ ପକ୍ଷୀ ବଞ୍ଚିଥାଏ। ମଞ୍ଜି ଖାଇ ପକ୍ଷୀଟି ମଳତ୍ୟାଗ କରିବା ପରେ ମଳ ଭିତରୁ ଖସି ମଞ୍ଜିଟି ଗଛ ସୃଷ୍ଟି କରିଥାଏ। କୋଚିଲା ଗଛ ନଷ୍ଟ ହେବାପରେ ପକ୍ଷୀ ଓ ଗଛ ଉଭୟ ବିରଳ ହୋଇଯାଇଛନ୍ତି। ଜୈବ ବିବିଧତାର ସନ୍ତୁଳନ କ୍ରମଶଃ ବିଲୀନ ହେଉଥିବାରୁ ଏହାର ପ୍ରଭାବ ବନ୍ୟପ୍ରାଣୀ ଓ ବନବାସୀଙ୍କର ଖାଦ୍ୟ ସୁରକ୍ଷା ଉପରେ ପଡ଼ିଛି।

ବନାଞ୍ଚଳ ଅଧିବାସୀମାନଙ୍କର ଚିରନ୍ତନ ଆୟ ଓ ପରିବେଶୀୟ ଉନ୍ନତିକୁ ଏକ ସଙ୍ଗରେ ପରିଚାଳନା କରାଯିବା ଆବଶ୍ୟକ । ଏଥିପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକ ଲଘୁ ବନଜାତ ଦ୍ରବ୍ୟର ସମ୍ଭାବ୍ୟ ଉତ୍ପାଦନର ଆକଳନ ପ୍ରତି ବର୍ଷ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟରେ ରହିବା ଆବଶ୍ୟକ ଏବଂ ସେହି ସମୟ ମଧ୍ୟରେ ପୂର୍ବ ଅଭିଜ୍ଞତା ଥିବା ବ୍ୟବସାୟୀମାନଙ୍କ ସହ ଆଲୋଚନା କରାଯିବା ଆବଶ୍ୟକ । ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ସମବାୟ, ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି, ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଓ ଖାଦ୍ୟ ନିରାପତ୍ତା କମିଟି ସହ ଆଲୋଚନା କରାଯିବା ଆବଶ୍ୟକ । ଅଗଷ୍ଟ ମାସର ଶେଷ ଭାଗରେ ପଞ୍ଚାୟତ ସମିତିକୁ ବିଭିନ୍ନ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ସଂପର୍କରେ ପ୍ରସ୍ତାବ ଦେବା ଆବଶ୍ୟକ । ସେପ୍ଟେମ୍ବର-ଅକ୍ଟୋବର ମାସ ବେଳକୁ କେଉଁ ଦ୍ରବ୍ୟ ପାଇଁ ସେହି ବର୍ଷର ମୂଲ୍ୟ କେତେ ନିର୍ଦ୍ଧାରଣ କରାଯାଇଛି ତା'ର ପ୍ରଚାର ପ୍ରସାର ହେବା ଆବଶ୍ୟକ । ବ୍ୟବସାୟୀମାନଙ୍କର ପଞ୍ଜିକରଣ ପ୍ରକ୍ରିୟା ଅକ୍ଟୋବରରୁ ମଇ ମାସ ପର୍ଯ୍ୟନ୍ତ କରାଯିବା ବେଳେ ବ୍ୟବସାୟୀମାନଙ୍କୁ ନୋଟିସ୍ ଦେବା, ସ୍ଥାନୀୟ ଗୋଷ୍ଠୀଙ୍କୁ ଅବଗତ କରାଇବା, ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରି ଯାଞ୍ଚ କରିବା ଓ ବ୍ୟବସାୟୀ ସର୍ତ୍ତାବଳୀ ଠିକ୍ କରିବା ଆବଶ୍ୟକ । ଗ୍ରାମ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସମିତି ଓ ଜଙ୍ଗଲ ବିଭାଗ ନିକଟକୁ ଆବଶ୍ୟକ କାଗଜ ପତ୍ର ତଥ୍ୟ ପ୍ରେରଣ କରାଯିବ । ଏସବୁ ମଧ୍ୟ ଆବଶ୍ୟକ । ଠିକ୍‌ଭାବେ ଅନୁସରଣ କରାଗଲେ ବନ ଓ ବାସିନ୍ଦା ଉଭୟେ ଉପକୃତ ହୋଇପାରିବେ । ଜଙ୍ଗଲ ଜନଗଣଙ୍କ ପାଇଁ ଭୋଗର ସାଧାନ ନହୋଇପାରେ ମାତ୍ର ଆବଶ୍ୟକତା ପୂରଣ ଦିଗରେ ଜଙ୍ଗଲ ସାମର୍ଥ୍ୟ ରଖିଛି ବୋଲି ନିଃସନ୍ଦେହରେ ପ୍ରମାଣିତ ହୋଇପାରିବ ।

**କାହିଁକି ସୁଧୁରୁନି ବନଜ ଦ୍ରବ୍ୟର ସଂଗ୍ରହ ଓ ବ୍ୟବସାୟ**

ଅଣକାଷ୍ଠ ବନଜାତ ଦ୍ରବ୍ୟ ପାରମ୍ପରିକ ଭାବେ ଜଙ୍ଗଲ ରାଜସ୍ୱର ଏକ ମୁଖ୍ୟ ଉତ୍ସ । ବର୍ଷ ବର୍ଷ ଧରି ଏହି ଦ୍ରବ୍ୟ ସଂପର୍କିତ ନୀତି ରାଜସ୍ୱ ଅଭିବୃଦ୍ଧି ନିମନ୍ତେ ପ୍ରେରିତ ଥିଲା । ତେବେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆଦିବାସୀ ଓ ଗ୍ରାମୀଣ ଗରିବଙ୍କ ଜୀବିକାର ଏକ ପ୍ରମୁଖ ଉତ୍ସଭାବେ ବିଦିତ । ମୁଖ୍ୟତଃ ମହିଳାମାନେ ହିଁ ଏଥିରେ ବେଶୀ ପରିମାଣରେ ନିୟୋଜିତ । ଏଥିରେ ମୁଖ୍ୟ ସମସ୍ୟା ହେଲା ସଂଗୃହୀତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରାପ୍ତି ଓ ବିକ୍ରୀପାଇଁ ବଜାର ବ୍ୟବସ୍ଥା । ପ୍ରଚଳିତ ବ୍ୟବସ୍ଥା ଏହି ସୁଯୋଗଗୁଡ଼ିକୁ ଯୋଗାଇ ପାରୁନାହିଁ । ଦ୍ରବ୍ୟ ଗୁଡ଼ିକର ଚିରନ୍ତନ ଅମଳ ବା ଅଣ କ୍ଷତିକାରକ ଉପାୟରେ ସଂଗ୍ରହପାଇଁ କୌଣସି ପଦକ୍ଷେପ ସରକାର ନେଇନାହାନ୍ତି ।

ଓଡ଼ିଶା ବନ ଉନ୍ନୟନ ନିଗମ, ଆଦିବାସୀ ଉନ୍ନୟନ ସମବାୟ ନିଗମ ପରି ସରକାରୀ ସଂସ୍ଥାମାନେ ଏକ ବା ଏକାଧିକ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ବା କିଣାବିକା ସକାଶେ ଏକ ବା ଏକାଧିକ ଗ୍ରାମ ପଞ୍ଚାୟତରେ ନିଜକୁ ପଞ୍ଜୀକୃତ କରିପାରିବାର ବ୍ୟବସ୍ଥା ସତ୍ତ୍ୱେ ସେମାନେ ସବୁ ଅଞ୍ଚଳରେ କିଣାବିକା ପ୍ରତି ଦୃଷ୍ଟି ଦେଉନାହାନ୍ତି । ପ୍ରକ୍ରିୟାକରଣ ପାଇଁ ଗ୍ରାମାଞ୍ଚଳରେ ଭିତ୍ତିଭୂମି ନାହିଁ କିମ୍ବା ଏ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ । ଅନେକ ଅଞ୍ଚଳରେ ଧାର୍ଯ୍ୟ ଦରଠାରୁ କମ୍ ଦରରେ କିଣୁଥିବା ବ୍ୟବସାୟୀମାନଙ୍କ ଉପରେ ଗ୍ରାମ ପଞ୍ଚାୟତ ପଞ୍ଜୀକରଣ ରଦ୍ଦ କରିପାରିବା ଭଳି ପଦକ୍ଷେପ ନେଉନାହାନ୍ତି ।

ଲଘୁ ବନଜାତ ଦ୍ରବ୍ୟ ପରିବହନ ପାଇଁ ଜଙ୍ଗଲ ବିଭାଗର ଟ୍ରାନ୍‌ଜିଟ୍ ପରମିଟ୍ ଆବଶ୍ୟକ ନଥିବା ଆଇନ୍ ସ୍ପଷ୍ଟ କରିଥିବା ବେଳେ 'ଲାଖ' ମହୁଲ ଆଦିରେ କଟକଣା ରହିଛି । ଅଧିକ ଶ୍ରମ ଓ ନିୟୋଜନ ଦେଉଥିବା କେନ୍ଦୁପତ୍ର ଓ ବାଉଁଶ ଉପରେ ସରକାରୀ ନିୟନ୍ତ୍ରଣ ବଳବତ୍ତର ରହିଛି ।

ମୟୁରଭଞ୍ଜ ଜିଲ୍ଲାକୁ ବାଦ୍‌ଦେଲେ ଓଡ଼ିଶାର ଅନ୍ୟ କୌଣସି ଜିଲ୍ଲାରେ ଶାଳପତ୍ର ସଂଗ୍ରହାଧିକାର ପ୍ରଦାନ କରାଯାଇନାହିଁ । ବିଭିନ୍ନ ଗଛର ଅଠା, ଝୁଣା, ଖଇର ପାଇଁ ଆଦୌ ଲିଜ୍ ବ୍ୟବସ୍ଥା ନାହିଁ । ଏସବୁ ଦ୍ରବ୍ୟର ସହନୀୟ ଆହରଣ କୌଶଳ ସହିତ ସଂଗ୍ରହ କରାଗଲେ ସଂଗ୍ରହକାରୀମାନଙ୍କ ସ୍ଥିତିରେ ସୁଧାର ଆସିପାରନ୍ତା । ଶାଳ ପତ୍ର ଲିଜ୍ ନିଷିଦ୍ଧ ସାମଗ୍ରୀ ହୋଇଥିଲେ ମଧ୍ୟ କେତୋଟି ନିର୍ଦ୍ଦିଷ୍ଟ ଜିଲ୍ଲାରେ ଏହାର ବ୍ୟବସାୟ ପାଇଁ ସରକାର ପରବର୍ତ୍ତି ସମୟରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଶାଳ ପତ୍ରର କାରବାର କରି ମୟୂରଭଞ୍ଜ ଜିଲ୍ଲାର ବନ ବାସିନ୍ଦାମାନେ ଉପକୃତ ହୋଇଥିବା ବେଳେ ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଏଭଳି ସୁବିଧା ନାହିଁ । ବର୍ଷ ବର୍ଷ ଧରି ଯଦି ପତ୍ର ସଂଗ୍ରହରୁ ମୟୂରଭଞ୍ଜର ଶାଳ ଜଙ୍ଗଲ ଉପରେ କିଛି ପ୍ରଭାବ ପଡ଼ିନାହିଁ ତେବେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହି ଅଧିକାର ଦିଆଯିବା ଉଚିତ ନୁହେଁ କି ବୋଲି ମତ ପ୍ରକାଶ ପାଉଛି ।

ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଆବଶ୍ୟକୀୟ ମାନବ ସମ୍ବଳ ନାହାନ୍ତି । ମାପ ଓଜନ ତଦାରଖ କରିବା, ଦ୍ରବ୍ୟର କାରବାର ଉପରେ ନଜର ରଖିବା ଠିକ୍ ଭାବରେ ହୋଇପାରୁନାହିଁ । ପଞ୍ଚାୟତ ଅଞ୍ଚଳରେ ପ୍ରାଥମିକ ସମବାୟ ଗଠନ ଓ ସୁଦୃଢ଼ୀକରଣ ଦିଗରେ ବ୍ୟବସ୍ଥା କରାନଗଲେ ସଂଗ୍ରହକାରୀମାନଙ୍କ ଉଚିତ ସ୍ୱାର୍ଥ ମିଳିବା କାଠିକାର ପାଠ । ପଞ୍ଚାୟତ ଯଦି ସର୍ବନିମ୍ନ ମୂଲ୍ୟକୁ କଡ଼ାକଡ଼ି ଦେଖିବ ଏବଂ ବେପାରୀମାନେ ଯଦି ତାହା ନଦେବେ ତେବେ ପଞ୍ଚାୟତ ଯେଉଁ ଭୂମିକା ନେବ ସେଥିରେ ଉଭୟ ହିଁ କ୍ଷତିଗ୍ରସ୍ତ ହେବେ । ଟିଡିସିସି ଓ ଓଏଫ୍‌ଡିସିଙ୍କୁ ପଞ୍ଜୀକରଣ ଦେୟ ପ୍ରକ୍ରିୟାରୁ ମୁକ୍ତ ରଖାଯାଇଥିବାକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି ସମବାୟ ଗୁଡ଼ିକୁ ମଧ୍ୟ ଏ ପ୍ରକ୍ରିୟାରୁ ମୁକ୍ତ କରିବାକୁ ଦାବୀ ହେଉଛି ।

✧✧✧

# ମହୁଲ ମରୁଡ଼ି

ଲଘୁ ବନଜାତ ଦ୍ରବ୍ୟ ମଧ୍ୟରୁ 'ମହୁଲ' ଏକ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ। ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ବର୍ଷକୁ ୨,୦୦,୦୦୦ ମେଟ୍ରିକ ଟନ୍ ମହୁଲ ଉତ୍ପାଦନ ହୋଇଥାଏ। ମହୁଲ ବ୍ୟବସାୟରୁ ରାଜ୍ୟକୁ ବାର୍ଷିକ ୩୦୦ରୁ ୪୦୦ କୋଟି ଟଙ୍କାର ଆୟ ମିଳିଥାଏ। ମାର୍ଚ୍ଚ ମାସରୁ ଜୁନ୍ ମାସ ମଧ୍ୟରେ ରାଜ୍ୟର ପାଖାପାଖି ୧୦ ଲକ୍ଷରୁ ଅଧିକ ବନବାସିନ୍ଦା ମହୁଲ ସଂଗ୍ରହ କାମରେ ନିୟୋଜିତ ରହିଥାନ୍ତି। ଶ୍ରମ ନିୟୋଜକ ଓ ଆର୍ଥିକ ରୋଜଗାର ଦୃଷ୍ଟିରୁ ମହୁଲର ଅବଦାନ ଉଲ୍ଲେଖନୀୟ। ରାଜ୍ୟର କନ୍ଧମାଳ, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଦେବଗଡ଼, ସମ୍ବଲପୁର, ବଲାଙ୍ଗିର, ମୟୁରଭଞ୍ଜ ଆଦି ଜିଲ୍ଲାରେ ମହୁଲର ଆୟରୁ ବନବାସିନ୍ଦାମାନେ ୩-୪ ମାସର ଚଳଣି ପାଇଁ ଖୋରାକ୍ ଯୋଗାଡ଼ କରିଥାନ୍ତି। ବିଗତ ଚଳିତ ବର୍ଷ ଏହା ବାଧାପ୍ରାପ୍ତ ହେବ।

ମହୁଲକୁ କେହି ଚାଷ କରିନଥାନ୍ତି। ପ୍ରାକୃତିକ ଜଙ୍ଗଲ ଓ ଜଙ୍ଗଲ ସନ୍ନିକଟ ଚାଷ ଜମି ଓ ଆଦିବାସୀ ଗାଁ ମାନଙ୍କର ଘରବାଡ଼ିରେ ମହୁଲ ଗଛ ଆପେ ଆପେ ଉଠିଥାଏ। ଏହାକୁ ମଧ୍ୟ ଚାଷ କରାଯାଇପାରିବ। କିନ୍ତୁ ରାଜ୍ୟରେ ସମସ୍ତ ସମ୍ଭାବନା ସତ୍ତ୍ୱେ ମହୁଲ ଚାଷ ଅତ୍ୟନ୍ତ ନଗଣ୍ୟ। ମହୁଲରୁ ଅଧିକ ଆୟ ମିଳୁଥିବା ବେଳେ ଏହାର ଖାଦ୍ୟ, ପାନୀୟ, ଔଷଧ ଓ ଧନ ସଂସ୍କୃତିର ମୂଲ୍ୟ ଅଧିକ ଥିବାବେଳେ ଏହି ପ୍ରଜାତିଟିର ସଂଖ୍ୟା ବୃଦ୍ଧି ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଇପାରୁନାହିଁ। ରାଜ୍ୟରେ ବିଗତ ଏକ ଦଶନ୍ଧି ହେଲା ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ, ନଦୀବନ୍ଧ, ସଡ଼କ ଓ ରେଳପଥ ନିର୍ମାଣ, ଉଦ୍ୟାନ କୃଷିର ବିକାଶ, ଆଦି ଅନେକ କାରଣରୁ ମହୁଲର ବଂଶ ବିସ୍ତାର ବାଧାପ୍ରାପ୍ତ ହୋଇଥିବା କଥା ଗବେଷକମାନେ କହନ୍ତି। ଏକଦା ମହୁଲର ବ୍ୟାବସାୟିକ ଲାଭକୁ ଦୃଷ୍ଟିରେ ରଖି, ସରକାର ୧୯୯୧ ମସିହାରେ ବର୍ଷକ ପାଇଁ ମହୁଲକୁ ଜାତୀୟକରଣ କରିଥିଲେ। କିନ୍ତୁ ବିଭିନ୍ନ ଦାବୀ ଫଳରେ ସରକାର ୨୦୦୦ ମସିହାରେ ମହୁଲକୁ ଗ୍ରାମ ପଞ୍ଚାୟତ ହାତରେ ଅର୍ପଣ କରିଥିଲେ। ଏହାର ଫଳ ଫୁଲ ଓ କାଠ ବନବାସିନ୍ଦାମାନଙ୍କ ଆୟ ଓ ବ୍ୟବହାର ଦୃଷ୍ଟିରୁ ଶୀର୍ଷରେ ରହିଥିବାରୁ ଏହି ଗଛକୁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଭାବେ ବିବେଚିତ କରାଯାଇଛି। କେହି କେହି ଗବେଷକ ଭାବପ୍ରବଣ ହୋଇ ମହୁଲକୁ ଆଦିବାସୀଙ୍କର ବଡ଼ ପୁଅ ଓ ସଲପ ଗଛକୁ ସାନ ପୁଅ ଭାବେ ଚିତ୍ରିତ କରାଇଥାନ୍ତି। ଖାଦ୍ୟ, ଔଷଧୀୟ ମୂଲ୍ୟ, ଜାନ କଣୀ ଓ ଆୟ ଦେବାରେ ମହୁଲ ଫୁଲ ଓ ଏହାର ଫଳ ଟୋଲ ଅତ୍ୟନ୍ତ ଉପକାରୀ ଓ କ୍ରିୟାଶୀଳ ସାବ୍ୟସ୍ତ ହୋଇଥିଲେ ହେଁ ଏହାକୁ ଯେପରି ଭାବରେ ଚାଷ କ୍ଷେତକୁ ଅଣାଯିବାର ଆବଶ୍ୟକତା ରହିଛି, ସେପରି ହୋଇପାରୁନାହିଁ। ଏହା ଏକ ବହୁବର୍ଷୀୟ ଚାଷ ହେଉଥିବାରୁ ଏବଂ ବେଶୀ ଜମିରେ କମ୍ ଚାରା ରହୁଥିବାରୁ ଚାଷୀମାନେ ଏଥିରେ ପ୍ରଲୁବ୍ଧ ହେଉନଥିବା କୁହାଯାଉଥିବା ବେଳେ ଜଙ୍ଗଲରେ ସ୍ୱତଃ ଏହି ଗଛ ସଂଖ୍ୟା ବଢୁଥିବାରୁ ଏବଂ ଚାରାରୋପଣ କଲେ ଉଧାର ନଥିବାରୁ ମହୁଲ ଗଛ ଚାଷ ପାଇଁ ଆଦିବାସୀମାନେ ଆଗଭର ହେଉନଥିବା ଅନ୍ୟ କେତେକ ଗବେଷକ କହିଥାନ୍ତି।

ଗୋଟିଏ ୧୦ ବର୍ଷ ବୟସର ମହୁଲ ଗଛରୁ ୧୦ କେଜି, ୪୦ ବର୍ଷର ଗଛ ୯୦ କେଜି, ୫୦ ବର୍ଷର ଗଛ ୧୩୫ କେଜି ଓ ୬୦ ବର୍ଷର ଗଛରୁ ୧୪୦ କେଜି ପର୍ଯ୍ୟନ୍ତ ଫୁଲ ଅମଳ କରାଯାଇଥାଏ। ଆମ ରାଜ୍ୟରେ ୧୯୯୭-୯୮ ବର୍ଷରେ ୪୫୭୩୫-୫୧ ଟନ, ୧୯୯୮-୯୯ ବର୍ଷରେ ୨୩୪୭୩-୨୯ ଟନ୍, ୧୯୯୯-୨୦୦୦ରେ ୩୬୨୫୦.୯୫ ଟନ୍, ୨୦୦୧ରେ ୮୪୭୮.୩ ଟନ ମହୁଲ ଫୁଲ ଅମଳ ହୋଇଥିବା ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ 'ଷ୍ଟାଟସ ରିପୋର୍ଟ ୨୦୦୦ ଅନ୍ ଓଡ଼ିଶା ଫରେଷ୍ଟ' ପରିସଂଖ୍ୟାନରୁ ଜଣାଯାଇଛି। ମହୁଲ ଉତ୍ପାଦନରେ ଓଡ଼ିଶା ଖୁବ୍ ପଛରେ ଥିବାବେଳେ ଚଳିତ ବର୍ଷ କେତେକ କାରଣକୁ ନେଇ ଓଡ଼ିଶାରୁ ମହୁଲର ଉତ୍ପାଦନ ଅତ୍ୟନ୍ତ ହ୍ରାସ ପାଇବା ଏବେ ଉଦ୍‌ବେଗର କାରଣ ହୋଇଛି। ମହୁଲ ଉତ୍ପାଦନ ଦୃଷ୍ଟିରୁ ଦେଶରେ ଛତିଶଗଡ଼ ଶୀର୍ଷରେ ଥିବାବେଳେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ଦେଶର ସମଗ୍ର ଉତ୍ପାଦନର ଶତକଡ଼ା ଦଶଭାଗରୁ ମଧ୍ୟ କମ୍ ଭାଗ ରାଜ୍ୟରୁ ଆସୁଥିବା ଜଣାଯାଇଛି। ଗତ ଫେବୃୟାରୀ ୭ତାରିଖରେ ଏଫଏସ୍‌ଆଇ ଉପସ୍ଥାପିତ କରିଥିବା ଜଙ୍ଗଲ ସର୍ଭେ ବିବରଣୀ ଅନୁଯାୟୀ ରାଜ୍ୟରେ ବୁଦୁବୁଦୁକିଆ ଜଙ୍ଗଲ ଜମିର କ୍ଷୟ ଘଟୁଛି। ବୁଦୁବୁଦୁକିଆ ଜଙ୍ଗଲରେ ୮୦ ପ୍ରତିଶତ ମହୁଲ ଗଛ ଥିବା ବେଳେ ଘଞ୍ଚ ଜଙ୍ଗଲରେ ରହିଛି ମାତ୍ର ୧୦ ପ୍ରତିଶତ।

ଆମ ରାଜ୍ୟରେ ଏକଦା ସବୁଠୁ ବେଶୀ ମହୁଲ ଖରିଆର ରେଞ୍ଜରୁ ଅମଳ ହେଉଥିଲା। ଖରିଆର ପରେ କେନ୍ଦୁଝର ବନଖଣ୍ଡ, କଳାହାଣ୍ଡି ବନଖଣ୍ଡ, କରଞ୍ଜିଆ ବନଖଣ୍ଡ ଓ ଶେଷରେ ଆଠଗଡ଼ ବନଖଣ୍ଡ ଥିଲା। ଖରିଆର ବନଖଣ୍ଡରେ ୧.୨୫୫୮୦ କ୍ୱିଣ୍ଟାଲ ମହୁଲ ଫୁଲ ସଂଗ୍ରହ ହୋଇଥିବା ବେଳେ କେନ୍ଦୁଝରରେ ୨୫,୦୦୦ କ୍ୱିଣ୍ଟାଲ କରଞ୍ଜିଆରୁ ୧୩,୯୯୫ କ୍ୱିଣ୍ଟାଲ ସଂଗ୍ରହ ହେଉଥିଲା। ଏବେ ବିଗତ କିଛି ବର୍ଷ ହେଲା ଦେବଗଡ଼, ବାଲିଗୁଡ଼ା, କେନ୍ଦୁଝର, ବଣାଇ ଓ ବଲାଙ୍ଗୀର ଅଞ୍ଚଳରୁ ଅଧିକ ଅମଳ ହେଉଥିବା ବେଳେ ଆଠଗଡ଼ ବନାଞ୍ଚଳରୁ ମହୁଲ ଅମଳ ବାଧାପ୍ରାପ୍ତ ହୋଇଛି। କଳାହାଣ୍ଡି, କନ୍ଧମାଳ ଗଜପତି ଓ ରାୟଗଡ଼ା ଅଞ୍ଚଳର ରାସ୍ତା ପାର୍ଶ୍ୱ ଗ୍ରାମଗୁଡ଼ିକରେ ୪୦ ବର୍ଷ ତଳର ମହୁଲ ବୃକ୍ଷ ସଂଖ୍ୟା ଏବେ ନାହିଁ। ୨୦୦୦ ମସିହାରୁ ମହୁଲର ମାଲିକାନାସତ୍ତ୍ୱ ପଞ୍ଚାୟତକୁ ଅର୍ପଣ କରାଯିବା ପରେ ମଧ୍ୟ ଏହାର ପରମିଟ୍ ନିମନ୍ତେ ଅବକାରୀ ବିଭାଗ ଉପରେ ନିର୍ଭର କରିବାକୁ ପଡୁଛି କାରଣ ଲଘୁ ବନଜାତ ନୀତି ସିନା ମହୁଲକୁ କଟକଣାମୁକ୍ତ କରିଛି, ଅବକାରୀ ନୀତି କିନ୍ତୁ ତା'ର କଟକଣା ଜାରି ରଖିଛି। ଏହି କାରଣରୁ ଏହା କେବଳ ଅଳ୍ପ କେତେକ ବେସରକାରୀ ସଂସ୍ଥା, ପ୍ରଚୁର ଆର୍ଥିକ



ସମ୍ବଳ ଥିବା ମୁଷ୍ଟିମେୟ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଘରୋଇ ବ୍ୟବହାର ନିମନ୍ତେ ମହୁଲ ରଖିବାକୁ ସରକାର ଅବକାରୀ ଆଇନ ଅନୁଯାୟୀ ଏକ ସୀମା ନିର୍ଦ୍ଧାରଣ କରିଛନ୍ତି । ଅଣ ସଂଗ୍ରହ ଋତୁ ସମୟରେ ୧ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଏବଂ ସଂଗ୍ରହ ଋତୁ ସମୟରେ ୫ କ୍ୱିଣ୍ଟାଲ ମହୁଲ ଗଚ୍ଛିତ ନିୟମ ଅଛି ।

ମହୁଲ ଉପରେ ଅବକାରୀ କଟକଣା, ମହୁଲ ଫୁଲର ମଦ ବ୍ୟତୀତ ବିକଳ୍ପ ବ୍ୟବହାରଗୁଡ଼ିକୁ ବିକଶିତ କରାନଯିବା, ଆୟକାରୀ ଫସଲ ଭାବେ ଗ୍ରହଣ କରି ଗୁରୁତ୍ୱ ନଦେବା, ବୁଦୁବୁଦୁକିଆ ଜଙ୍ଗଲ ଜମି ପରିମାଣ ହ୍ରାସ ପାଇବା, ଟୋଲ (ମହୁଲ ଫଳ) ତେଲର ବାଣିଜ୍ୟିକ ଚାହିଦା ବୃଦ୍ଧି ନଘଟିବା, ଗାଁ ପାଖ ଜଙ୍ଗଲ ଜମିଗୁଡ଼ିକ ଚାଷ ଜମିରେ ରୂପାନ୍ତରିତ ହେବା କାରଣରୁ ମହୁଲ ଗଛର ଘଞ୍ଚତା ହ୍ରାସ ପାଇଛି । ସରକାର ବିଭିନ୍ନ ବନୀକରଣ ଯୋଜନାରେ ମହୁଲ ଚାରା ରୋପଣ ପାଇଁ ଦୃଷ୍ଟି ଦେଇନାହାନ୍ତି । ଏସବୁ କାରଣରୁ ରାଜ୍ୟର ବନାଞ୍ଚଳଗୁଡ଼ିକରେ ମହୁଲ ଗଛ ସଂଖ୍ୟା ବଢ଼ିପାରୁନାହିଁ । ଜାଳେଣୀ ପାଇଁ ଉତ୍କୃଷ୍ଟ ହେବା କାରଣରୁ ଇଟାଭାଟି ପାଇଁ ବ୍ୟାପକ ବୃକ୍ଷ ଛେଦନ ମଧ୍ୟ ପୁରୁଣା ମହୁଲ ଗଛ ନଷ୍ଟ ହେବାର ଏକ କାରଣ ହୋଇପାରେ । ବିଗତ କିଛି ବର୍ଷ ହେଲା ରାଜ୍ୟରେ ଋତୁ ଅନୁଯାୟୀ ଗ୍ରୀଷ୍ମ, ବର୍ଷା ଓ ଶୀତର ପ୍ରଭାବରେ ତାଳମେଳ ରହୁ ନଥିବାରୁ ବୃକ୍ଷ ଓ ଦ୍ରବ୍ୟ ଉପରେ ପ୍ରଭାବ ପଡ଼ିଛି । ମହୁଲର ଆକାର ଛୋଟ ହୋଇଯିବା, ଆବଶ୍ୟକ ଆର୍ଦ୍ରତା ନରହିବା, ପରିପକ୍ୱ ହେବା ପୂର୍ବରୁ ଝଡ଼ିଯିବା, ମହୁଲର ରଙ୍ଗରେ ପରିବର୍ତ୍ତନ ଦେଖାଯିବା ଆଦି ମୁଖ୍ୟ ସମସ୍ୟା ଭାବେ ଠିଆ ହୋଇଛି । ପ୍ରାକୃତିକ ଚକ୍ରରେ ପ୍ରାୟ ୩/୪ ବର୍ଷ ବ୍ୟବଧାନରେ ଗଛର ଉତ୍ପାଦନ କମ ବା ବେଶି ହୋଇଥାଏ । କିନ୍ତୁ ଜଳବାୟୁ ପରିବର୍ତ୍ତନ କ୍ରମାଗତ ଭାବେ ଉତ୍ପାଦନ ହ୍ରାସ କରାଇପାରେ ।

ବନୀକରଣ ଯୋଜନା ଓ 'କାମ୍ପା' ଅର୍ଥରେ ସ୍ୱତନ୍ତ୍ର ମହୁଲ ଅରଣ୍ୟ ସୃଷ୍ଟିପାଇଁ ଉଦ୍ୟମ, ବିକଳ୍ପ ବ୍ୟବହାରର ବିକାଶ, ଉନ୍ନତ ପ୍ରଜାତିର ବିକଶିତ କରି ରୋପଣ ଅବକାରୀ କଟକଣାଗୁଡ଼ିକର ପ୍ରତ୍ୟାହୃତି କରାଗଲେ ମହୁଲର ଆୟ ଏକ ବହୁ ଲୋକଙ୍କ ଜୀବିକାକୁ ପରିପୁଷ୍ଟ କରିବ ।

✧✧✧

## ଜୀବିକାକୁ ଟାଣ କରିବ ଅଠା

ଜାତୀୟ ଉଦ୍ୟାନ ଶିମିଳିପାଳରେ ଆଦିମ ଜନଜାତି ଖଡ଼ିଆ ସଂପ୍ରଦାୟ ବହୁଳ ମାତ୍ରାରେ ଆମଠା ଅଠା ସଂଗ୍ରହ କରନ୍ତି । ଜଙ୍ଗଲରେ ଦେଖାଯାଉଥିବା ଭରଡ଼ା ବା ଲାଲ କଞ୍ଚଣ ଗଛର ରସ ହେଉଛି ଆମଠା ଅଠା । ଆଗରୁ ପକ୍ୱ ଓ ବୟସ୍କ ଭରଡ଼ା ଗଛର ଗଣ୍ଡି ଓ ଡ଼ାଳରୁ ରସ କ୍ଷରଣ ହୋଇ ଜମାଟ ବାନ୍ଧି ରହୁଥିଲା ଓ ଏହା ମାଙ୍କଡ଼ ମାନଙ୍କ ପ୍ରିୟ ଖାଦ୍ୟ ଥିଲା । ବ୍ୟାବସାୟିକ ଚାହିଦା ବଢ଼ିବାରୁ ଅଠା ସଂଗ୍ରହ ଉପରେ ଚାପ ପଡ଼ିଲା । ପ୍ରାକୃତିକ ଉପାୟରେ ଗଛର ରସ ନିର୍ଗତ ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିବାରୁ ସଂଗ୍ରହକାରୀମାନେ ଗଛରେ କୃତ୍ରିମ ଉପାୟରେ ଏକାଧିକ କ୍ଷତ କରି (ଗର୍ତ୍ତ ଓ ଖୋପ) ଅଠା ସଂଗ୍ରହ ପ୍ରତି ଦୃଷ୍ଟି ଦେବାକୁ ଲାଗିଲେ । ଯେତିକି ବ୍ୟବଧାନରେ ଓ ଯେଉଁ ଆକାର ବା ଗଭୀରତାରେ ଖୋପମାନ କରାଗଲେ ଗଛ ସହି ପାରିବ, ସେ ବିଷୟରେ ସଚେତନତା ଜ୍ଞାନ ଓ ଗୁରୁତ୍ୱ ଅଭାବରୁ ଗଛଗୁଡ଼ିକୁ ଭୟଙ୍କର ଭାବେ କ୍ଷତ ବିକ୍ଷତ କରି ଦିଆଗଲା ଯାହା ଫଳରେ କି ଗଛର ସ୍ଥିତି ହିଁ ବିପନ୍ନ ହୋଇଗଲା । ଏହି କାରଣରୁ ଦେଶର ଅନେକ ଅଞ୍ଚଳରେ ମୂଲ୍ୟବାନ ଅଠା ଗୁଡ଼ିକର ସଂଖ୍ୟା ବିଶେଷ ହ୍ରାସ ପାଇଛି । ବିଦେଶକୁ ରପ୍ତାନୀ ହେଉଥିବାରୁ ଏଥିପାଇଁ ଭଲ ଦର ମିଳିଥାଏ ଏବଂ ଅଧିକରୁ ଅଧିକ ସଂଗ୍ରହ ଓ ଚାଲାଣ ପାଇଁ ଚେଷ୍ଟା କରାଯାଇଥାଏ । ଯଦିଓ ଓଡ଼ିଶାରେ ଏହାର ବ୍ୟାବସାୟିକ ସଂଗ୍ରହ ଉପରେ କଟକଣା ରହିଛି ।

ଏଭଳି ବିପନ୍ନ ବା ବିରଳ ହୋଇ ପଡୁଥିବା ଅଠା ଗଛ ଗୁଡ଼ିକର ସଂରକ୍ଷଣ ପାଇଁ ବଞ୍ଚିଥିବା ଗଛ ଗୁଡ଼ିକର ଆଉ କ୍ଷତି ନକରି କିଛି ବର୍ଷ ଜୀବନୀ ଶକ୍ତି ସଂପୂର୍ଣ୍ଣ ଫେରିପାଇବା ପାଇଁ ଛାଡ଼ିଦେବାକୁ ହେବ । ଅପର ପକ୍ଷରେ ଯେଉଁଠି କୃଷି ବନୀକରଣ କରାଯାଉଛି ସେଠାରେ ଫଳଗଛ ଆଦି ସହିତ କିଛି ଅଠା ଗଛ ମଧ୍ୟ ବିଲ ଧାର ଆଦିରେ ଲଗାଇ ଦେଲେ ଭଲ । ବିଶାଖାପଟ୍ଟନମ ସ୍ଥିତ କୋରେଲ ଫାଉଣ୍ଡେସନ ପକ୍ଷରୁ ନାବାର୍ଡ଼ ସହଯୋଗରେ ଏଭଳି ଉଦ୍ୟମ ଲାଗି ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଇଛି ଏବଂ ଏହା ସଫଳ ମଧ୍ୟ ହୋଇଛି । ଅମଳ ଯୋଗ୍ୟ ଗଛ ଗୁଡ଼ିକରୁ ବୈଜ୍ଞାନିକ ପଦ୍ଧତିରେ ଅଠା ସଂଗ୍ରହ କରାଗଲେ ଗଛଗୁଡ଼ିକ ବଞ୍ଚି ପାରିବ ଏବଂ ବହୁ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରିବ ।

# ଔଷଧୀୟ ଗୁଳ୍ମ : ସୁନାମୁଖୀ

ଔଷଧୀୟ ଗୁଣ ଓ ବ୍ୟବହାର ଦୃଷ୍ଟିରୁ ଏହାର ପତ୍ର ଏବଂ ଫଳ ଅତ୍ୟନ୍ତ ଉପଯୋଗୀ । ପତ୍ର ଓ ଫଳକୁ କଞ୍ଚାମାଲ ରୂପେ ସଂଗ୍ରହ କରାଯାଇ ଏଥିରୁ ସୋନେସାଇଡ ବାହାର କରାଯାଇ ଚିକିତ୍ସାରେ ଏବଂ ଖାଦ୍ୟ ପ୍ରକ୍ରିୟା କରଣରେ ପିମ୍ପିନାଶକ ଭାବେ ବ୍ୟବହୃତ ହୋଇଥାଏ ।

ସୁନାମୁଖୀର ଔଷଧୀୟ ବ୍ୟବହାର ଆମ ଦେଶରେ ୧୨୦୦ ବର୍ଷର ପୁରୁଣା, ୟୁନାନୀ ହାକିମମାନଙ୍କ ଦ୍ୱାରା ଏହା ଆମ ଦେଶକୁ ଆସିଥିବା କୁହାଯାଏ । ବର୍ତ୍ତମାନ ଏହାର ଚିକିତ୍ସା ପ୍ରତ୍ୟେକ ଚିକିତ୍ସା ବ୍ୟବସ୍ଥା ସହ ଯୋଡ଼ି ହୋଇରହିଛି । ମନୁଷ୍ୟ, ପଶୁପକ୍ଷୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହି ପତ୍ର ଓ ଫଳର ପ୍ରୟୋଗ କ୍ରିୟାଶୀଳ ସିଦ୍ଧ ହୋଇଛି ।

### ୧) କୋଷ୍ଠ କାଠିନ୍ୟର ମହୌଷଧୀ

କୌଣସି ପ୍ରକାରର ନୂଆ ଓ ପୁରୁଣା କୋଷ୍ଠ କାଠିନ୍ୟ ରୋଗୀଙ୍କ ପାଇଁ ଏହା ମହୌଷଧୀ । ଆଜିକାଲି କୋଷ୍ଠକାଠିନ୍ୟ ଦୂର ପାଇଁ ବଜାରରେ ଉପଲବ୍ଧ ଅଧିକାଂଶ ଔଷଧରେ ଏହାର ଅଂଶ ମିଶ୍ରିତ ରହିଛି । ଏହାର ଶୁଖିଲା ପତ୍ରକୁ ଚୂର୍ଣ୍ଣ କରି କୋଷ୍ଠକାଠିନ୍ୟରେ ବ୍ୟବହାର କରାଯାଏ ।

### ୨) ରକ୍ତ ଶୋଧନ

ସୁନାମୁଖୀ ଏକ ଅତ୍ୟନ୍ତ ଗୁଣକାରୀ ରକ୍ତ ଶୋଧକ ରୂପେ ପ୍ରମାଣ ସିଦ୍ଧ ହୋଇଛି । ବିଭିନ୍ନ ରକ୍ତ ଜନିତ ବିକାରର ପ୍ରଶମନ ପାଇଁ ଏହାର ଉପଯୋଗ କରାଯାଇଥାଏ ।

### ୩) ଚର୍ମରୋଗ ପାଇଁ ଅବ୍ୟର୍ଥ

ଏହାର ତାଜା ପତ୍ରକୁ ବାଟି ପ୍ରଲେପ କରି ପୀଡ଼ିତ ଅଂଶରେ ଲଗାଇଲେ ଚର୍ମ ରୋଗରୁ ମୁକ୍ତି ମିଳିଥାଏ । ଏହାର ଛାଲିକୁ ଗରମ ପାଣିରେ ଫୁଟାଇ ଥଣ୍ଡା କରି ସ୍ନାନ କଲେ ଚର୍ମରୋଗରୁ ରକ୍ଷା



*Cassia angustifolia Vahl.*

ମିଳିଥାଏ ବୋଲି ପାରମ୍ପରିକ ଚିକିତ୍ସକମାନେ ଦର୍ଶାଇଛନ୍ତି ।

### କୃମିନାଶକ

କଞ୍ଚା ପତ୍ରକୁ ବାଟି ସେବନ କରିବା ଦ୍ୱାରା ପେଟରେ ଥିବା କୃମିଗୁଡ଼ିକ ମରିଥାଆନ୍ତି । ଗଣ୍ଠିବାତ, କଟୀବାତ, ଶ୍ୱାସ, କାଛୁ, କୃମି ପାଇଁ ସୁନାମୁଖୀ ୟୁନାନୀ ଚିକିତ୍ସା କ୍ଷେତ୍ରରେ ଅବ୍ୟର୍ଥ ଭାବେ ମାନ୍ୟତା ପ୍ରଦାନ କରାଯାଇଛି ।

ପଶୁମାନଙ୍କୁ ହେଉଥିବା ରୋଗର ନିବାରଣ ପାଇଁ ଏହାର ବ୍ୟବହାର କରାଯାଇଥାଏ । ବତୀସା ନାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଔଷଧ ସୁନାରୀ ପତ୍ରରୁ ତିଆରି ହୋଇଥାଏ ।

### ପ୍ରୟୋଗ ସଂପର୍କିତ ସତର୍କତା

ସୁନାମୁଖୀ ବ୍ୟବହାର କରୁଥିବା ବେଳେ କିଛି ସତର୍କତା ବି ଅବଲମ୍ବନ କରିବା ଆବଶ୍ୟକ । ଆୟୁର୍ବେଦୀୟ ଚିକିତ୍ସକଙ୍କ ପରାମର୍ଶ ବିନା ଏହାକୁ ବ୍ୟବହାର କରାଯିବା କଥା ନୁହଁ । କୋଷ୍ଠ କାଠିନ୍ୟ ପାଇଁ ୧ ସପ୍ତାହରୁ ଉର୍ଦ୍ଧ୍ୱ ବ୍ୟବହାର ଦ୍ୱାରା ଏହାର ନକରାତ୍ମକ ପ୍ରଭାବ ସୃଷ୍ଟି ହୋଇପାରେ ।

### ସରଳ ଚିକିତ୍ସା

ସୁନାମୁଖୀ ପତ୍ରକୁ ଭଲଭାବେ ଶୁଖାଇ ତାକୁ ଚୂର୍ଣ୍ଣ କରି ଉଷୁମ ପାଣି ସହିତ ଶଯ୍ୟା ଗ୍ରହଣ କରିବା ପୂର୍ବରୁ ସେବନ କଲେ କୋଷ୍ଠ କାଠିନ୍ୟ ଦୂର ହୋଇଥାଏ ବୋଲି ପାରମ୍ପରିକ ଚିକିତ୍ସକମାନେ ଦର୍ଶାଇଥାନ୍ତି ।

ସୁନାମୁଖୀ ଏକ ମୂଲ୍ୟବାନ ଔଷଧୀୟ ବୃକ୍ଷ । ଏହାର ଫୁଲ ସ୍ୱର୍ଣ୍ଣ ରଂଗଯୁକ୍ତ । ହିନ୍ଦୀରେ ଏହାକୁ ସ୍ୱର୍ଣ୍ଣ ପତ୍ରୀ କୁହାଯାଏ । ସଂସ୍କୃତରେ ମାର୍କଣ୍ଡୀ, ବଙ୍ଗଳାରେ ସୋନପାତ, ମରାଠୀରେ ସୋନମକ୍ଷୀ ଭାବରେ ଜଣାଯାଇଥାଏ । ବିଭିନ୍ନ ଦେଶୀୟ ଓ ଆଧୁନିକ ଔଷଧ ପ୍ରସ୍ତୁତିରେ ଉପଯୋଗ ହେଉଥିବାରୁ ଏହାର ଅଂଶ ବିଶେଷରୁ ଭଲ ରୋଜଗାର କରିହୁଏ । ଆଫ୍ରିକାର ମୂଳ ନିବାସୀ ହେଲେ ହେଁ ଭାରତର ଜଳବାୟୁରେ ଏହି ଗଛଟି ଭଲରେ ବଢ଼ି ପାରୁଥିବା କୃଷି ବିଶେଷଜ୍ଞମାନେ ମତ ଦେଇଥାନ୍ତି ।

ସୁନାମୁଖୀକୁ ଚାଷ କରାଯାଇପାରେ । ଏହା ଚାକୁଣ୍ଡା ପରିବାରର ହେଲେ ମଧ୍ୟ ଚାକୁଣ୍ଡା ଠାରୁ ଏହାର ପାର୍ଥକ୍ୟ ଜାଣି ରଖିବା ଉଚିତ । ଅନ୍ୟ ରାଜ୍ୟରେ ଏହାର ଚାଷରୁ ଭଲ ରୋଜଗାର କରାଯାଇଥିବା ବେଳେ ଆମ ରାଜ୍ୟ କିନ୍ତୁ ସେ ଦିଗରେ ଆଗେଇ ପାରିନାହିଁ । ଏକଥା ରାସ୍ତା ପାର୍ଶ୍ୱ ବନୀକରଣ କାର୍ଯ୍ୟକ୍ରମରେ ଏହି ପ୍ରଜାତିଟିକୁ ଗୁରୁତ୍ୱ ଦିଆଯାଉଥିଲା । ଶିଘ୍ର ବଢୁଥିବା ପ୍ରଜାତିମାନଙ୍କ ମଧ୍ୟରେ ଏହା ଅନ୍ୟତମ । ଉପକୂଳ ଓଡ଼ିଶାରେ ମହାବାତ୍ୟା ପରଠାରୁ ଚାକୁଣ୍ଡା ଓ ସୁନାମୁଖୀ ଉଭୟେ ନିଜର ସଂଖ୍ୟା ହରାଇଛନ୍ତି ।

✧✧✧

# ମିଠା କାଣ୍ଡଯୁକ୍ତ ମହତ୍ତ୍ୱପୂର୍ଣ୍ଣ ଔଷଧୀୟ ଗୁଳ୍ମ ଯଷ୍ଟିମଧୁ

ଔଷଧୀୟ ବ୍ୟବହାର ଦୃଷ୍ଟିରୁ ଯଷ୍ଟିମଧୁ ଭାରତୀୟ ପରିବାରଗୁଡ଼ିକ ନିକଟରେ ପରିଚିତି ହାସଲ କରିଛି । ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରଗୁଡ଼ିକରେ ଯଷ୍ଟିମଧୁର ବର୍ଣ୍ଣନା କରାଯାଇଛି । ଅଥର୍ବ ବେଦଠାରୁ ଚରକ ସଂହିତା, ଅଷ୍ଟାଙ୍ଗ ସଂଗ୍ରହ ଏବଂ ଅଷ୍ଟାଙ୍ଗ ହୃଦୟ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପର୍ଯ୍ୟନ୍ତ ସବୁଠି ଏହି ଗୁଳ୍ମ ବିଷୟରେ କୁହାଯାଇଛି, ଚୀନ୍ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ମଧ୍ୟ ଏହି ଗୁଳ୍ମଟି ବିଶେଷ ଭାବରେ ସ୍ଥାନ ପାଇଛି । ପ୍ରାଚୀନ କାଳରୁ ଏହାର ବହୁବିଧ ପ୍ରୟୋଗ ହୋଇଆସୁଛି ଏବଂ ଆଧୁନିକ ଚିକିତ୍ସା ବିଜ୍ଞାନରେ ମଧ୍ୟ ଏହାକୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ମିଳିଛି ।

## ଗୁଳ୍ମର ବିବରଣୀ

ଏହା ଏକ ବହୁ ବର୍ଷୀୟ ଗୁଳ୍ମ । ଛ' ଫୁଟ ପର୍ଯ୍ୟନ୍ତ ଲମ୍ବରେ ବଢ଼ିଥାଏ । ଏହାର ମୂଳ ଲମ୍ବ ଏବଂ ଧୂସର ବର୍ଣ୍ଣ ଦେଖାଯାଏ । ଛାଲ ଛଡ଼ାଇବା ପରେ ଏଥିରୁ ରସାଳିଆ ପଦାର୍ଥ ବାହାରିଥାଏ । ଏହାର ମୂଳରୁ ତଥା କାଣ୍ଡରୁ ଅନେକ ଶାଖା ପ୍ରଶାଖା ବାହାରିଥାଏ । ସାମାନ୍ୟ ଗୋଲାପୀ ତଥା ବାଇଗଣୀ ରଙ୍ଗର ଫୁଲ ଫୁଟେ । ମାଟି ତଳେ ଥିବା ଚେର ଓ କାଣ୍ଡଗୁଡ଼ିକ ଔଷଧ ତିଆରିରେ ବ୍ୟବହାର କରାଯାଏ ।

## ରାସାୟନିକ ତତ୍ତ୍ୱ/ସଂରଚନା

ଯଷ୍ଟି ମଧୁର ପ୍ରମୁଖ ରାସାୟନିକ ଘଟକ ଗ୍ଲିସିରାଇଜିନ ନାମକ ତତ୍ତ୍ୱ ଅଟେ ଯାହା ଗ୍ଲିସିରାଇଦିକ୍ ଏସିଡ୍ ରୂପରେ ମିଳିଥାଏ । ଏହା ଚିନିଠାରୁ ୫୦ ଗୁଣା ଅଧିକ ମିଠା । ଯଷ୍ଟି ମଧୁର ବିଭିନ୍ନ ପ୍ରଜାତି ମଧ୍ୟରେ ଏହା ୨ରୁ ୧୪ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ । ଏହି ତତ୍ତ୍ୱ ଯଷ୍ଟିମଧୁର ମାଟି ତଳେ ଥିବା କାଣ୍ଡରୁ ମିଳିଥାଏ । ଏହି କାଣ୍ଡରୁ ୦ରୁ ୪୭ ପ୍ରତିଶତ ଉଦ୍‌ବାୟୀ ତୈଳ ମଧ୍ୟ ମିଳିପାରିଥାଏ । ଏଥିରୁ ଅତିରିକ୍ତ ୫ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ଶୁକ୍ରୋଜ ଏବଂ ଡ଼େକ୍ସ୍ରୋଜ୍, ୩୦ ପ୍ରତିଶତ ଷ୍ଟାର୍ଚ୍ଚ, ପ୍ରୋଟିନ୍‌ରେ ଜିନ ତଥା ୧ ପ୍ରତିଶତ ଏସ୍ପୋଭିଗିନ ଆଦି ତତ୍ତ୍ୱ ମିଳିଥାଏ ।

| ବିଭିନ୍ନ ଭାଷାରେ ନାମ | |
|---|---|
| ହିନ୍ଦୀ | : ମୁଲେଠି, ଜେଠି ମଧ |
| ସଂସ୍କୃତ | : ମଧୁକା, ଯଷ୍ଟିମଧୁ |
| ଓଡ଼ିଆ | : ଯଷ୍ଟି ମଧୁ |
| ମରାଠି | : ଯେଷ୍ଟି ମଧ |
| ଗୁଜୁରାଟି | : ଜେଠି ମଧା |
| ତାମିଲ | : ଅତି ମଧୁରମ |
| ତେଲୁଗୁ | : ଯଷ୍ଟି ମଧୁକମୁ |
| କନ୍ନଡ଼ | : ଅତି ମଧୁର |
| ଇଂରାଜୀ | : ଇକ୍ସୁସ୍, ଅସ୍ଲୁସୁସ୍ |
| ଉଦ୍ଭିଦ ବିଜ୍ଞାନୀ ନାମ | : ଗ୍ଲିସର ହାଇଜା ଗ୍ଲାବ୍ରା ଲିନ୍ |

## ପ୍ରମୁଖ ଔଷଧୀୟ ବ୍ୟବହାର

ଏହାର କାଣ୍ଡ ଅତ୍ୟନ୍ତ ମିଠା । ବିଭିନ୍ନ ପ୍ରକାର ଔଷଧୀୟ ଗୁଣରେ ଭରା । ଏହାର କାଣ୍ଡକୁ ଗଳା ସମ୍ବନ୍ଧିତ ରୋଗରେ ବ୍ୟବହାର କରାଯାଏ । କୋଷ୍ଠ କାଠିନ୍ୟ ଦୂର ପାଇଁ ଏହା ଏକ ଅବ୍ୟର୍ଥ ଔଷଧ । ଅସ୍ଥି ତଥା ମାଂସପେଶୀର ବେଦନା ପାଇଁ ମଧ ଏହା ବ୍ୟବହାର କରାଯାଏ । ଅଲସର କ୍ଷେତ୍ରରେ ମଧ ଏହାର କ୍ରିୟାଶୀଳତା ପରୀକ୍ଷିତ ହୋଇଛି ।

ଘା' ଉପଚାର, ନଂପୁସକତା ଦୂର ଏବଂ ସମୀପ ଦୃଷ୍ଟି ଦୋଷ କ୍ଷେତ୍ରରେ ଯଷ୍ଟିମଧୁ କାଣ୍ଡର ପ୍ରୟୋଗ ବହୁ ବର୍ଷ ଧରି କରାଯାଇଛି ।

## ଗଳା ସଂକ୍ରମଣ ଓ ସମ୍ବନ୍ଧିତ ରୋଗ ନିରାକରଣ

ଗଳା ଦବି ଯିବା, ଶୁଖିଲା କାଶ, ଗଳା ସଂକ୍ରମଣ ଆଦି ରୋଗଗୁଡ଼ିକରେ ଭାରତୀୟ ପାରମ୍ପରିକ ଚିକିତ୍ସା ବ୍ୟବସ୍ଥାରେ ଯଷ୍ଟି ମଧୁର ପ୍ରୟୋଗ ବହୁ ପୁରୁଣା । ଏହାର ଏକ ଛୋଟ ଖଣ୍ଡକୁ ପାଟିରେ ପୁରାଇ ଆସ୍ତେ ଆସ୍ତେ ଶୋଷିଲେ 'କାଶ' ଦୂର ହୋଇଥାଏ । ଆଧୁନିକ ଚିକିତ୍ସା ବିଜ୍ଞାନୀମାନେ ଏହାର ଉପଯୋଗ ସଂପର୍କରେ ଗବେଷଣା କରି ଏଥିରୁ କାଶ ନିବାରକ ଔଷଧ ପ୍ରସ୍ତୁତ କରୁଛନ୍ତି । ଯଷ୍ଟି ମଧୁର ଖଣ୍ଡକୁ ପାଣିରେ ସିଝାଇ ସେହି ପାଣି ଦ୍ୱାରା ପାଟିରେ କୁଳି କଲେ ମୁଖ ଓ ଗଳା ଜନିତ ରୋଗରୁ ଉପଶମ ମିଳିଥାଏ ।

*କୋଷ୍ଠ କାଠିନ୍ୟ*

ଏହାର କାଣ୍ଡକୁ ଚୂର୍ଣ୍ଣ କରି ସାମାନ୍ୟ ଗୁଡ଼ ମିଶାଇ ପାଣି ସହିତ ରାତ୍ରିରେ ଶଯ୍ୟାକୁ ଯିବା ପୂର୍ବରୁ ପାନ କଲେ କୋଷ୍ଠ କାଠିନ୍ୟ ଦୂର ହୋଇଥାଏ ।

*ଅଲସର*

ଅଲସର କାରଣରୁ ପେଟ ବ୍ୟଥା ହେଉଥିଲେ ଯଷ୍ଟିମଧୁ ଭଲଫଳ ଦେଇଥାଏ । ପେଟରେ ସୃଷ୍ଟି ହେଉଥିବା ଅମ୍ଳ ବୃଦ୍ଧିଜନିତ ଯନ୍ତ୍ରଣା ଓ ଉତ୍ତେଜନାରୁ ଉପଶମ ମିଳେ । ଶୁଖିଲା କାଣ୍ଡକୁ ରାତ୍ରିରେ ପାଣିରେ ଭିଜାଇ ଏହି ପାଣିକୁ ଚାଉଳ ଛତୁଆ ସହିତ ଗୋଳାଇ ଖାଇଲେ ଅଲସରରୁ ମୁକ୍ତି ମିଳେ । ଏଲୋପ୍ୟାଥିକ୍ ଚିକିତ୍ସାରେ ମଧ ଯଷ୍ଟି ମଧୁର ପ୍ରୟୋଗ କରାଯାଇଥାଏ ।

## ଘା' ଶୁଖାଇବା ପାଇଁ

ଯଷ୍ଟି ମଧୁର ଚୂର୍ଣ୍ଣ ଘିଅ ସହିତ ମିଶ୍ରିତ କରି ଘା' ଚାରିପଟେ ପ୍ରଲେପ କଲେ ଘା'ର କ୍ଷତ ଶୀଘ୍ର ଶୁଖିଥାଏ । ପାଦରେ ମାଛ ଆଖିଆ କାରଣରୁ ବ୍ୟଥା ହେଉଥିଲେ ଯଷ୍ଟିମଧୁର ପତ୍ର ବାଟି ସେଥିରେ ସୋରିଷ ତେଲ ମିଶାଇ ପ୍ରଭାବିତ ସ୍ଥାନରେ ଲେପ ଦେଲେ ପ୍ରାଥମିକ ଅବସ୍ଥାରେ ଥିବା ମାଛିଆଖିଆ ଦୂର ହୋଇଥାଏ ।

✧✧✧

# ମସ୍ତିଷ୍କ, ଶରୀର ଏବଂ ଆତ୍ମା ପାଇଁ ହିତକାରୀ ଚନ୍ଦନ

ବ୍ୟାବସାୟିକ ମହତ୍ତ୍ୱ ରଖିଥିବା ଚନ୍ଦନ ମଣିଷର ମସ୍ତିଷ୍କ, ଶରୀର ଏବଂ ଆତ୍ମା ପାଇଁ ହିତକାରୀ ମହତ୍ତ୍ୱପୂର୍ଣ୍ଣ ବୃକ୍ଷ ଅଟେ । ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ପ୍ରଦାନ କରିବାର କ୍ଷମତା ଏହି ବୃକ୍ଷଟିର ରହିଥିବା ବିଶ୍ୱାସ କରାଯାଏ । ଏହାର କାଠ, ଚୂର୍ଣ୍ଣ ଓ ତେଲକୁ ବହୁଳ ବ୍ୟବହାର କରାଯାଇଥାଏ । ଭାରତ, ମାଲେସିଆ, ପୂର୍ବ ଏସିଆ ସମୂହରେ ଏହି ବୃକ୍ଷ ଦେଖାଯାଇଥାଏ । ଆମ ଦେଶର ୯୦୪୦ ବର୍ଗ କିମି ଅଞ୍ଚଳରେ ଚନ୍ଦନର ଉପଲବ୍ଧତା ରହିଛି । ଏଥିରୁ ୫୨୪୫ ବର୍ଗକି.ମି. ଅଞ୍ଚଳ କେବଳ କର୍ଣ୍ଣାଟକରେ ରହିଛି । ତାମିଲନାଡୁର ୩୦୪୦ ବର୍ଗକିମି ଚନ୍ଦନ ଜଙ୍ଗଲ ଅଛି । କର୍ଣ୍ଣାଟକ, ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ବିହାର, ଓଡ଼ିଶା, ମହାରାଷ୍ଟ୍ର, ରାଜସ୍ଥାନ, ମଣିପୁର, ଉତ୍ତରପ୍ରଦେଶ ତଥା ମଧ୍ୟପ୍ରଦେଶରେ ଚନ୍ଦନ ବୃକ୍ଷ ଦେଖାଯାଏ ।

**ବିବରଣୀ**

ଚନ୍ଦନ ଏକ ମଧ୍ୟମ ଉଚ୍ଚତା ବୃକ୍ଷ । ୧୦ରୁ ୧୫ମିଟର ଉଚ୍ଚତା ଯାଏ ଏହା ବଢ଼ିଥାଏ । ଏହା ଏକ ବହୁ ବର୍ଷୀୟ ତଥା ଆଂଶିକ ପରଜୀବୀ ବୃକ୍ଷ । ନିଜର ଜୀବନ ପାଇଁ ଏହି ବୃକ୍ଷ ଆଂଶିକ ଭାବରେ ଅନ୍ୟ ପ୍ରଜାତିର ବୃକ୍ଷ ଉପରେ ନିର୍ଭର କରିଥାଏ । ସମୁଦ୍ର ପତ୍ତନଠାରୁ ୧୮୦୦ ମିଟରରୁ କମ୍ ଉଚ୍ଚତାର ୬୦୦ରୁ ୧୬୦୦ ମିଟର ଉଚ୍ଚତାରେ ଏହା ବଢ଼ିଥାଏ । ଗଛଟିକୁ ୨-୩ବର୍ଷ ହୋଇଯିବା ପରେ ଫୁଲ ଆସିବା ଆରମ୍ଭ ହୋଇଯାଏ । ଫୁଲଗୁଡ଼ିକ ବାଇଗଣୀ ରଙ୍ଗଯୁକ୍ତ । ମାର୍ଚ୍ଚ-ଅପ୍ରିଲ ମାସରେ ଗଛରେ ଫଳ ହୁଏ । ଚନ୍ଦନ ଗଛରେ ବର୍ଷକୁ ୨ଥର ଫୁଲ ଓ ଫଳ ଆସିଥାଏ । ଫଳଗୁଡ଼ିକ କଳା ବାଇଗଣୀ ରଙ୍ଗଯୁକ୍ତ । ପକ୍ୱ ହୋଇଯିବା ପରେ ଫଳରୁ ଗୋଟିଏ ଗୋଟିଏ ମଞ୍ଜି ବାହାରିଥାଏ । ଗଣ୍ଡିରୁ ବାହାରୁଥିବା ମଞ୍ଜିରୁ ସୁନ୍ଦର ବାସ୍ନା ଆସିଥାଏ । ଗୋଟିଏ ଚନ୍ଦନ ଗଛକୁ ୭ବର୍ଷ ହୋଇଯିବା ପରେ ମଞ୍ଜିର ବାସ୍ନା ଜଣାପଡ଼େ । ଗଛଟିକୁ ୧୫ବର୍ଷ ହେଲାପରେ ଯାଇ ମଞ୍ଜିରୁ ତୈଳ ନିଷ୍କାସନ ସମ୍ଭବ ହୋଇଥାଏ । ଗଛଟି ୨୦ବର୍ଷ ହେବାପରେ ପର୍ଯ୍ୟାପ୍ତ ମାତ୍ରାରେ ତୈଳ ବାହାରେ । ଗଛ ଯେତେ ପୁରୁଣା ହୁଏ ସେଥିରୁ ସେତେ ଅଧିକ ମାତ୍ରାର ତୈଳ ଓ ସୁଗନ୍ଧ ବାହାରେ । ଗୋଟିଏ ପରିପକ୍ୱ ଚନ୍ଦନ ଗଛର ଗଣ୍ଡିର ଗୋଲେଇ ୧ରୁ ୨.୪ମିଟର ପର୍ଯ୍ୟନ୍ତ ହୋଇପାରିଥାଏ ।

**ପ୍ରମୁଖ ପ୍ରଜାତି**

ଆୟୁର୍ବେଦର ପ୍ରାଚୀନତମ ପୁସ୍ତକ ଧନ୍ୱନ୍ତରୀ ନିଘଣ୍ଟ ସମ୍ଭବତଃ ୨୦୦ରୁ ୧୦୦୦ ବର୍ଷ ତଳେ ଲେଖାଯାଇଛି ଯେଉଁଥିରେ ଚନ୍ଦନର ୫ଟି ପ୍ରଜାତି ଥିବା କଥା ଦର୍ଶାଯାଇଛି, ଯଥା: ରକ୍ତ ଚନ୍ଦନ, କୁଚନ୍ଦନ, ଚନ୍ଦନ, କଲିୟକ, ତଥା ବର କରିବା । ୧୭୦୦ ବର୍ଷ ତଳେ ଲିଖିତ ରାଜ ନିଘଣ୍ଟରେ ଚନ୍ଦନର ୭ଟି ପ୍ରଜାତିର ବର୍ଣ୍ଣନା କରାଯାଇଛି, ଯଥା: ଶ୍ରୀଚନ୍ଦନ, ପିତ୍ତଚନ୍ଦନ, ପଞ୍ଚାଙ୍ଗଚନ୍ଦନ, ରକ୍ତଚନ୍ଦନ, ବରବର୍କ ଚନ୍ଦନ ଏବଂ ଦୁଇପ୍ରକାର ହଳଦିଆ ଚନ୍ଦନ । ଭାବ ପ୍ରକାଶ ନିର୍ଘଣ୍ଟ (୧୫୫୦)ରେ ୪ଟି ପ୍ରଜାତି (ଚନ୍ଦନ, ରକ୍ତ ଚନ୍ଦନ, କୁଚନ୍ଦନ) ବର୍ଣ୍ଣନା କରାଯାଇଛି ।

**ବ୍ୟାବସାୟିକ ବ୍ୟବହାର**

ପ୍ରାଚୀନ କାଳରୁ ଏହା ଏକ ବ୍ୟବସାୟିକ ବୃକ୍ଷ ଭାବେ ପରିଗଣିତ ହୋଇଛି । ଔଷଧଠାରୁ ଧାର୍ମିକ ବ୍ୟବହାର ଯାଏ ହସ୍ତ ଶିଳ୍ପଠାରୁ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ଏକଦା ଚନ୍ଦନ କାଠର ବ୍ୟବହାର ହୋଇଥାଏ । ଚନ୍ଦନ କାଠରେ ମହାତ୍ମା ବୁଦ୍ଧଙ୍କ ମୂର୍ତ୍ତି ଜାପାନରେ ଅତ୍ୟନ୍ତ ଚାହିଦା ସୃଷ୍ଟି କରିପାରିଛି । ଅଳଙ୍କାର ବାକ୍ସ, ବାସ୍ତୁ ଦୋଷ ପାଇଁ ବିଭିନ୍ନ ଆକୃତି ଚନ୍ଦନ କାଠରେ ତିଆରି ହୋଇଥାଏ ।

ଭାରତୀୟ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଚନ୍ଦନ ଏକ ପବିତ୍ର ବୃକ୍ଷ । ପ୍ରତ୍ୟେକ ଶିବ ଓ ବିଷ୍ଣୁ ମନ୍ଦିର ମାନଙ୍କରେ ଚନ୍ଦନକାଠ ରଖାଯାଇଥାଏ । ଚନ୍ଦନର ଟୀକା ସାଧୁସନ୍ଥମାନେ ଧାରଣ କରିଥାନ୍ତି । ଏପରିକି ଶବ ସତ୍କାରରେ ଚନ୍ଦନ କାଠର ବ୍ୟବହାର କରାଗଲେ ଆତ୍ମାର ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।

- ଚନ୍ଦନ କାଠକୁ ଜଳାଇ ଧୂଆଁ କଲେ ଦିନସାରା ତାଜା ସୁଗନ୍ଧ ଘର ଭିତରେ ରହିଥାଏ ।
- ଚନ୍ଦନ ଚୂର୍ଣ୍ଣର ମଣ୍ଡ ମୁହଁରେ ଲଗାଇଲେ ମୁଖର ଉଜ୍ଜ୍ୱଳତା ବୃଦ୍ଧିପାଏ ।
- ଚନ୍ଦନକୁ ଘୋରି ସେଥିରେ ଗୋଲାପ ଜଳ ମିଶାଇ ଏଥିରେ କିଛି ମାତ୍ରାରେ କର୍ପୁର ମିଶାଇ ମୁଣ୍ଡରେ ଲଗାଇଲେ ମୁଣ୍ଡବ୍ୟଥା ଉପଶମ ହୋଇଥାଏ ।

ସମୁଦ୍ର ପତ୍ତନଠାରୁ ୧୮୦୦ ମିଟର ଉଚ୍ଚତାରେ ୩୫ରୁ ୪୦° ଉତ୍ତାପ ବିଶିଷ୍ଟ ଅଞ୍ଚଳରେ ବାର୍ଷିକ ୬୦୦ରୁ ୧୬୦୦ମିଲିଲିଟର ବୃଷ୍ଟିପାତ ଅଞ୍ଚଳରେ ଚନ୍ଦନ ଚାଷ କରାଯାଇପାରେ । ଲାଲ ମାଟିରେ ଚନ୍ଦନ ଭଲ ବଢ଼ିଥାଏ । ୬.୭ ଏବଂ ୭.୫ ପିଏଚ ଗୁଣ ବିଶିଷ୍ଟ ମୃତ୍ତିକା ଏହି ଚାଷ ପାଇଁ ଉପଯୋଗୀ । ୨୦ବର୍ଷରୁ ଅଧିକ ପୁରୁଣା ଗଛରୁ ମଞ୍ଜି ସଂଗ୍ରହ କରି ଚାଷ କରାଯାଇପାରେ । ୧ କେଜି ଚନ୍ଦନ ମଞ୍ଜିରୁ ୬୦୦୦ ମଞ୍ଜି ମିଳିଥାଏ । ୯ ମାସ ପର୍ଯ୍ୟନ୍ତ ଅଙ୍କୁରଣ କ୍ଷମତା ରଖିଥାଏ । ଅପ୍ରିଲ-ମଇ ଏବଂ ସେପ୍ଟେମ୍ବର-ଅକ୍ଟୋବର ମାସରେ ମଞ୍ଜି ସଂଗ୍ରହ କରାଯିବା ଉଚିତ । ପାଣିରେ ଭଲଭାବେ ଧୋଇ ଏଥିରୁ ରସ ବାହାର କରି ଖରାରେ ଶୁଖାଇଦେବା ଉଚିତ । ମଞ୍ଜିଗୁଡ଼ିକୁ ୪ରୁ ୬ସପ୍ତାହ ପର୍ଯ୍ୟନ୍ତ ଶୁଷ୍କ ଅବସ୍ଥାରେ ରଖିଦେବା ଉଚିତ । ପଲିଥିନ୍‌ରେ ଲଗାଇବା ପୂର୍ବରୁ ନର୍ସରୀର ଶଯ୍ୟା ତିଆରି ହେବା ଆବଶ୍ୟକ ।

୧ ଭାଗ ମାଟି, ୨ଭାଗ ବାଲି, ୧ ଭାଗ କମ୍ପୋଷ୍ଟ ଖତ ମିଶାଇ ଶଯ୍ୟା ପ୍ରସ୍ତୁତ ହେବା ଉଚିତ ।

୧ମିଟର-୧୦ମିଟର ବ୍ୟବଧାନରେ ଶଯ୍ୟା ତିଆରି କରିବା ଉପଯୁକ୍ତ ଅଟେ। ଭୂମିଠାରୁ ଶଯ୍ୟାର ଉଚ୍ଚତା ୯ ଇଞ୍ଚ ବଢ଼ାଇ କରିବା କଥା। ଶଯ୍ୟା ଉପରେ ମଞ୍ଜିଗୁଡ଼ିକ ପୋତି ଜଳ ସିଞ୍ଚନ କରିବା ଆବଶ୍ୟକ। ଶଯ୍ୟା ଉପରେ ୪ରୁ ୬ପତ୍ର ବିଶିଷ୍ଟ ଚାରା ଉଠିଗଲା ପରେ ୩୦x୧୪ ମିମି ପଲିଥିନ୍‌କୁ ସ୍ଥାନାନ୍ତର କରିଦେବା ଉଚିତ।

୧୦x୧୦ ଫୁଟ ଗଭୀରର ଗାତ ଖୋଳି ଏହି ଗାତରେ ୨୦-୨୦ କେଜି ଗୋବର ଖତ ଅଥବା କମ୍ପୋଷ୍ଟ ଖତ ମିଶାଇ ଗାତ ଭର୍ତ୍ତି କରିଦେବା ଉଚିତ। ନର୍ସରୀରେ ଚାରାଗୁଡ଼ିକ ୧ଫୁଟ ଉଚ୍ଚତା ବିଶିଷ୍ଟ ହୋଇଯିବା ପରେ ବର୍ଷା ଋତୁ ଆରମ୍ଭରୁ ମୁଖ୍ୟ ଚାଷ ଜମିରେ ରୋପଣ କରିଦେବା ଆବଶ୍ୟକ।

ଚନ୍ଦନ ଚାଷ ପାଇଁ ପ୍ରଥମ ବର୍ଷରେ ଏକର ପ୍ରତି ୪୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପରବର୍ତ୍ତୀ ବର୍ଷଗୁଡ଼ିକରେ ୫୦୦ ଟଙ୍କା ଲେଖାଏଁ ଖର୍ଚ୍ଚର ଆବଶ୍ୟକତା ହୋଇଥାଏ।

ଏକ ଏକର ଜମିରେ ୨୦୦ ଚନ୍ଦନ ଗଛକୁ ଲଗାଯାଇପାରେ। ୪୦ ବର୍ଷ ମଧ୍ୟରେ ଜଣେ ଚନ୍ଦନ ଚାଷୀ ୫୦ ଲକ୍ଷ ଟଙ୍କାର ଆୟ ପାଇଥାଏ, ଚନ୍ଦନ ବ୍ୟବସାୟ ପାଇଁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନୀତି ନିୟମ ମାନ ପ୍ରଚଳନ ହୋଇଛି। ଚନ୍ଦନ ଚାଷ, ସୁରକ୍ଷା, ଅମଳ, ବର୍ଗୀକରଣ, ତୈଳ ନିଷ୍କାସନ ଉପରେ କେରଳ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ତାମିଲନାଡୁର ନିୟମ ଭିନ୍ନ ପ୍ରକାରର। ଜଣେ ଚାଷୀ ଯଦି ନିଜ ଚାଷ ଜମିରେ ୧୯୨୪ ମସିହା ପୂର୍ବରୁ ଚାଷ କରିଛି ତେବେ ତାହା ତା'ର ବ୍ୟକ୍ତିଗତ ସମ୍ପତ୍ତି, କିନ୍ତୁ ୧୯୨୪ପରେ ହୋଇଥିବା ଚାଷର ମାଲିକ ହେଉଛନ୍ତି ସରକାର। ଯଦି ଚାଷୀର ପଟ୍ଟାପ୍ରାପ୍ତ ଜମିରେ ଏହା ଥାଏ ତେବେ ସମୁଦାୟ ଅମଳର ୪୭.୫ ପ୍ରତିଶତ ଭାଗ ଚାଷୀର ରହିଛି, ଅବଶିଷ୍ଟ ସରକାରଙ୍କର। ଆମ ରାଜ୍ୟରେ ଏହା ସରକାରଙ୍କ ନିୟନ୍ତ୍ରଣରେ ରହିଛି। କିନ୍ତୁ ନିଜର ମାଲିକାନାରେ ଥିବା ବ୍ୟକ୍ତିମାନେ ଏହାର ବ୍ୟବହାର କରୁଥିବା ଦେଖାଯାଉଛି। ଆଗ୍ରହୀ ଚନ୍ଦନ ଚାଷୀମାନେ ରୋପଣ ପୂର୍ବରୁ ଏ ସଂକ୍ରାନ୍ତୀୟ ସୂଚନା ସଂଗ୍ରହ କରି ଚାଷ ପାଇଁ ଆଗେଇ ଆସିଲେ ଉପକୃତ ହୋଇପାରିବେ।

✧✧✧

## ତନ୍ତୁ-ଜୀବିକାର ନିଶ୍ଚିତତା ପାଇଁ କର୍ମଶାଳା

କି-ଷ୍ଟୋନ ଫାଉଣ୍ଡେସନ ଓ ତାର ଅଂଶୀଦାର ସଂଗଠନଗୁଡ଼ିକର ପ୍ରକଳ୍ପାଞ୍ଚଳରେ ଲଘୁ ବନଜାତଦ୍ରବ୍ୟ ବିଶେଷତଃ ତନ୍ତୁଭିତ୍ତିକ ଜୀବିକାର ଉନ୍ନତି ତଥା ତତ୍ ସଂପୃକ୍ତ ବୃକ୍ଷଲତାର ସୁରକ୍ଷା ଓ ସହନୀୟ ଆହରଣକୁ ନେଇ ଏକ ତିନି ଦିନିଆ କର୍ମଶାଳା କର୍ଣ୍ଣାଟକର ସିରସିଠାରେ ଆୟୋଜିତ ହୋଇଯାଇଛି।

ଆରସିଡିସିର ବଲାଙ୍ଗିର ଓ କଳାହାଣ୍ଡି ପ୍ରକଳ୍ପାଞ୍ଚଳରୁ ଦୁଇଜଣ କାରିଗର/ଶିଳ୍ପୀ ଏଥିରେ ଯୋଗଦାନ କରି ତନ୍ତୁ ବୃକ୍ଷ ଗୁଡ଼ିକର ସ୍ଥିତି, ଚିରନ୍ତନ ଆହରଣ କୌଶଳ ଜାଣିବା ସହ ବାଉଁଶ, ସବାଇଦଉଡ଼ି, କାଇଁଚ କାଠି, ସିଆଳି ଦଉଡ଼ିରୁ ବିଭିନ୍ନ ଗୃହୋପକରଣ, ସାଜସଜ୍ଜା ଉପକରଣ ଓ ବଜାରରେ ଚାହିଦା ଥିବା ଅନେକ ଦ୍ରବ୍ୟର ତିଆରି କୌଶଳ ସଂପର୍କରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ। କୁଲା, ବାଉଁଶିଆ, ଭୋଗେଇ, ଡ଼ାଲା, ପାଛିଆ ତୁଳନାରେ ପେନ୍‌ଷ୍ଟାଣ୍ଡ, ଫୁଲଡ଼ାଲା, ଟ୍ରେ, ହେୟାର ବେଣ୍ଡ, ଅଳଙ୍କାର, ଫୁଲ ତୋଡ଼ା, ୱାଲ୍ ହାଙ୍ଗିଙ୍ଗ୍ ଆଦି କାମରେ କଞ୍ଚାମାଲ କମ୍ ଲାଗିଥାଏ ଏବଂ ପରିଶ୍ରମ ଅନୁଯାୟୀ ଭଲ ମୂଲ୍ୟ ମିଳିଥାଏ ବୋଲି ଓଡ଼ିଶାରୁ ଯାଇଥିବା ଶିଳ୍ପୀମାନଙ୍କ ଅଭିଜ୍ଞତା ଥିଲା ହେଲେ ତିଆରି କରିବା କୌଶଳ ସେମାନଙ୍କ ପାଖରେ ନଥିଲା। ଏଠୁ ଫେରିବା ପରେ ଏସବୁ ଜିନିଷ ତିଆରି କରି ପରିବାର ପ୍ରତିପୋଷଣ କରିହେବ ବୋଲି ସେମାନେ ଦର୍ଶାଇଥିଲେ।

ଆମ ରାଜ୍ୟର କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଖୋର୍ଦ୍ଧା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବାଉଁଶ, ବେତ, କାଇଁଚ, ସିଆଳି, ସବାଇ, ବେଣା, ୱାଡ଼ା, କାପ୍‌ଲି, ପୁଟହ, ପଳଜମାଡ଼ ଆଦି ଗଛର ଅଂଶ ବିଶେଷରୁ ଗୃହୋପକରଣ ସାଜସଜ୍ଜା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀମାନ ତିଆରି ହୋଇ ବିକ୍ରୀବଟା ହେଉଛି। ଝୋଟ ଓ ବରୁହାଁ ଆଦିରୁ ପଟି ଓ ଦଉଡ଼ି ତିଆରି ହେଉଛି ନୂଆ ନୂଆ ସାମଗ୍ରୀ ଶିକ୍ଷା ଲାଭ କଲେ ଚିରନ୍ତନ ସଂଗ୍ରହ ଅଭ୍ୟାସ ପ୍ରତି ମନ ବଳିବ ଏବଂ ବନବାସିନ୍ଦାମାନଙ୍କ ରୋଜଗାର ବଢ଼ିବ ବୋଲି କୁହାଯାଇଛି।

ଓଡ଼ିଶାରୁ ଏହି କର୍ମଶାଳାରେ ଯୋଗ ଦେଇଥିବା ଶିଳ୍ପୀମାନେ କେତେକ ଦ୍ରବ୍ୟ ତିଆରି ଶିଖିଥିବା ବେଳେ ନିଜେ ଜାଣିଥିବା କେତେକ କୌଶଳ ସେଠାରେ ଅନ୍ୟମାନଙ୍କୁ ଶିକ୍ଷା ଦେଇଥିଲେ। ପାରମ୍ପରିକ ଦ୍ରବ୍ୟ ଅପେକ୍ଷା ନୂଆ ନୂଆ ଦ୍ରବ୍ୟ ତିଆରି ପାଇଁ ବ୍ୟାପକ ପ୍ରଶିକ୍ଷଣ ପୁଞ୍ଜି ସହାୟତା, ବଜାର ସୁଯୋଗର ଆବଶ୍ୟକତା ସଂପର୍କରେ ଏହି କର୍ମଶାଳାରେ ମତ ବିନିମୟ କରାଯାଇଥିଲା।

✧✧✧

# ଲଘୁ ଦ୍ରବ୍ୟ ପାଇଁ ଲଘୁ ଉଦ୍ୟମ

ପ୍ରାକୃତିକ ଜଙ୍ଗଲରୁ ମଣିଷ ନିଜର ବ୍ୟବହାର ପାଇଁ ଅନେକ ପ୍ରକାର ଜୈବିକ ଉପାଦାନ (ଯଥା: ଖାଦ୍ୟ, ଜାଳେଣୀ, ଅଠା, ଔଷଧ) ସଂଗ୍ରହର ଧାରା ବହୁ ପୁରୁଣା। ପ୍ରାଚୀନ ଇଜିପ୍ଟ ବାସୀ ସୁଦାନରୁ ଅଠା ଆମଦାନୀ କରୁଥିବା ଏବଂ ଦ୍ୱାଦଶ ଶତାବ୍ଦୀରେ ଚନ୍ଦନ ତେଲର କାରବାର ହେଉଥିବା ତଥ୍ୟ ଜଣାଯାଏ। ୧୮୬୪ରେ ଫିଲିପାଇନ୍ସରୁ ସୁଗନ୍ଧ ତୈଳ ରପ୍ତାନୀ କରାଯାଉଥିବା ପ୍ରମାଣ ରହିଛି।

ମଣିଷ ସମାଜ ନିଜର ଖାଦ୍ୟ ଜାଳେଣୀ ଔଷଧୀୟ ବ୍ୟବହାର ବୃକ୍ଷଲତାର ସୁରକ୍ଷା, ତୈଳବୀଜ, ରଙ୍ଗ, ସୁଗନ୍ଧ ଓ ପ୍ରସାଧନିକ ବ୍ୟବହାର ପାଇଁ ୩୦୦୦ ପ୍ରଜାତିର ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟ ବ୍ୟବହାର କରି ଆସିଥିଲେ ସୁଦ୍ଧା ଆବଶ୍ୟକୀୟ ଗବେଷଣା ଓ ଦଲିଲକରଣର ଅଭାବରୁ ସଂପ୍ରତି ୬୭୭ ପ୍ରଜାତିର ବୃକ୍ଷଲତା ବ୍ୟବହୃତ ହେଉଛି। ଏଗୁଡ଼ିକ ମଧ୍ୟରୁ ଆମ ରାଜ୍ୟରେ ମାତ୍ର ୬୯ଟି ପ୍ରଜାତିର ବ୍ୟବସାୟିକ କାରବାର ପାଇଁ ସଂଗ୍ରହକାରୀଙ୍କୁ ଆଇନଗତ ସହାୟତା ଦିଆଯାଇଛି। ଅନେକ ପ୍ରଜାତିର ବ୍ୟବହାର ଓ ଉପଲବ୍ଧିତା ଥିବା ସତ୍ତ୍ୱେ ଏଗୁଡ଼ିକୁ ସୂଚୀରେ ଅଣାଯିବା ପାଇଁ ତତ୍ପରତା ନାହିଁ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପଲବ୍ଧ ହେଉଥିବା ବେତ, ଆମଠା ଅଠା, ଟସର ଖୋଷା ଭଳି ଅନେକ ଦ୍ରବ୍ୟକୁ ସଂଗ୍ରହ ପାଇଁ ନିଷିଦ୍ଧାଦେଶ ପ୍ରଦାନ କରାଯାଇଛି। ଅସହନୀୟ ଆହରଣ, ତୈଳ ନିଷ୍କାସନ ପ୍ରଣାଳୀ/କୌଶଳ ଗୁଡ଼ିକ ସଂପର୍କରେ ଅନଭିଜ୍ଞ, ଗମନାଗମନର ଅସୁବିଧା, ପରିବହନ ଓ ସ୍ଥାନାନ୍ତରରେ ସମସ୍ୟା ଉପଯୁକ୍ତ ବଜାରର ଅଭାବ, ବନଜ ଦ୍ରବ୍ୟର ମୂଲ୍ୟ ହ୍ରାସ, ସଠିକ୍ ଗବେଷଣାର ଅଭାବ ଯୋଗୁଁ ବନଜ ଦ୍ରବ୍ୟ ଭିତ୍ତିକ ଜୀବିକାର୍ଜନର ପ୍ରଚୁର ସମ୍ଭାବନା ସତ୍ତ୍ୱେ କ୍ରମଶଃ ଏଥିରେ ନିୟୋଜିତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ପ୍ରଚୁର ପରିମାଣରେ କୁସୁମ, କରଞ୍ଜ, ନିମ୍ୱମଞ୍ଜି, ଟୋଲ, ଜଡ଼ା, ଆଦି ତୈଳବୀଜ ସଂଗ୍ରହ ହେଉଥିଲେ ମଧ୍ୟ ତୈଳ ନିଷ୍କାସନର ସର୍ବୋତ୍କୃଷ୍ଟ କୌଶଳ ଏବେ ବି ରାଜ୍ୟବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ୩୦-୪୦% ପ୍ରତିଶତ ତୈଳବୀଜର ବ୍ୟବହାର ସଠିକ୍ ଭାବେ କରାଯାଇପାରୁନାହିଁ। ପାରମ୍ପରିକ ଉପାୟରେ କରାଯାଉଥିବା ତେଲ ନିଷ୍କାସନରୁ ଆଶାତିତ କରାଯାଉଥିବା ପ୍ରତିଶତ ନିଷ୍କାସିତ ସମ୍ଭବ ହେଉନାହିଁ।

ଦେଶର ମୋଟ କେନ୍ଦୁପତ୍ର ଉତ୍ପାଦନ ମଧ୍ୟରୁ ଆମ ରାଜ୍ୟରୁ ୧୪.୧୭ ପ୍ରତିଶତ ଉତ୍ପାଦନ ହୋଇଥାଏ। ମଧ୍ୟପ୍ରଦେଶ ଓ ଛତିଶଗଡ଼ ପରେ ଉତ୍ପାଦନ ଦୃଷ୍ଟିରୁ ଓଡ଼ିଶା ତୃତୀୟ ସ୍ଥାନରେ। ଏଠାରୁ ବାର୍ଷିକ ୫ଲକ୍ଷ କ୍ୟୁଣ୍ଟାଲ ଉତ୍ପାଦିତ ହୁଏ। ୩୦ ଜିଲ୍ଲାର ୫୦ ଉପଖଣ୍ଡ ଅଞ୍ଚଳରୁ ଏହା ମିଳେ। ୬ଲକ୍ଷ ହେକ୍ଟର ଜମି ଉପରେ କେନ୍ଦୁପତ୍ର ଦେଖାଯାଏ ମଧ୍ୟ ଏଥିରୁ ୧୦ ଲକ୍ଷ ଆଦିବାସୀ ଜୀବିକା ନିର୍ବାହ କରିଥାନ୍ତି। ଉତ୍ପାଦନ ହ୍ରାସ, ସଂଗ୍ରହ ବାତିଲ ହେଲେ ଏହି ସଂଖ୍ୟକ ସଂଗ୍ରହକାରୀଙ୍କ ଜୀବିକା ବାଧାପ୍ରାପ୍ତ ହୋଇଥାଏ। କେନ୍ଦୁପତ୍ର ବ୍ୟବସାୟ ଏବେ ବି ସରକାରୀ ନିୟନ୍ତ୍ରଣରେ ରହିଥିବାରୁ ସଂଗ୍ରହକାରୀମାନେ ଦିନ ମଜୁରିଆ ଭାବେ ଖଟିଥାନ୍ତି। ଅନ୍ୟାନ୍ୟ ଲାଭାଂଶ ପାଇନଥାନ୍ତି। କେନ୍ଦୁପତ୍ର ଭିତ୍ତିକ କୀଟନାଶକ ଉଦ୍ୟୋଗଟିଏ ରାଜ୍ୟରେ କରାଯିବାକୁ ଆବଶ୍ୟକୀୟ ପ୍ରକ୍ରିୟା ଗ୍ରହଣ କରାଯାଉନାହିଁ। କିମ୍ବା ବିକଳ୍ପ ବ୍ୟବହାର ଦିଗରେ ଗବେଷଣା ହେଉନାହିଁ।



ସେହିପରି ରାଜ୍ୟରେ ବାଉଁଶ କାରବାରକୁ ମଧ୍ୟ ସରକାର ନିଜ ହାତରେ ରଖିଛନ୍ତି। ଦେଶରେ ବାଉଁଶ କାରବାର ବାର୍ଷିକ ୧୮.୪ ପ୍ରତିଶତ ହାରରେ ପାଞ୍ଚ ବର୍ଷରେ ୯୨ ପ୍ରତିଶତ ବଢ଼ିଥିବା ବେଳେ ବାଉଁଶ କଟାଳି ଓ କାରିଗରମାନଙ୍କ ଅପେକ୍ଷା ସରକାରୀ ଓ ଲିଜ୍ ପ୍ରାପ୍ତ କମ୍ପାନୀମାନେ ଅଧିକ ଲାଭ ପାଇଥାନ୍ତି। ବାଉଁଶ ଶିଳ୍ପର ପ୍ରତିଷ୍ଠା, କାରିଗରମାନଙ୍କ ସମବାୟ ସମିତି ଓ ବାଉଁଶର ପରିଚାଳନାକୁ ଗୋଷ୍ଠୀ ହାତରେ ପ୍ରତ୍ୟାର୍ପଣ ଦିଗରେ ସରକାର ନୀରବତା ଅବଲମ୍ବନ କରିଛନ୍ତି।

ଭାରତ ଓ ଥାଇଲାଣ୍ଡରୁ ବାର୍ଷିକ ୧୭,୦୦୦ ଟନ୍ ଲାଖ ଉତ୍ପାଦିତ ହୋଇଥାଏ। ଆମ ରାଜ୍ୟର ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର, ରାୟଗଡ଼ା, ଦେବଗଡ଼ ଅଞ୍ଚଳରେ ଲାଖ ଚାଷ ହୋଇଥାଏ। ଲାଖ ଉପରେ ରାଜ୍ୟରେ କଟକଣା ଥିବାରୁ ଚାଷୀ ଓ ଶିଳ୍ପୀମାନେ ଏହାର ବେପାରରୁ ଲାଭବାନ ହୋଇପାରୁନାହାନ୍ତି। ମହୁ, ମହମ, ତେଲ, ବେତ, ଟସର ଖୋସା, କେନ୍ଦୁ, ବାଉଁଶ ଆଧାରିତ କ୍ଷୁଦ୍ର ଶିଳ୍ପ ଓ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନା ଦିଗରେ ସରକାରୀ ଉତ୍ସାହ ଏପର୍ଯ୍ୟନ୍ତ ମିଳିପାରିନଥିବାରୁ ଲଘୁ ଦ୍ରବ୍ୟ ପାଇଁ ଲଘୁ ଉଦ୍ୟମ ହେଉଥିବା ସ୍ପଷ୍ଟ ହୋଇଯାଇଛି।

✧✧✧



# ଝାର୍ଦାର

**୨୫**


## ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

ଏ/୬୮, ୧ମ ମହଲା, ଶହୀଦ ନଗର
ଭୁବନେଶ୍ୱର-୭୫୧ ୦୦୭
ଫୋନ୍-(୦୬୭୪)୨୫୪୫୨୫୦
ଫାକ୍ସ-(୦୬୭୪) ୨୫୪୫୨୫୨

*Website:*
www.rcdcindia.org
www.banajata.org

*E-mail:*
info@rcdcindia.org
rcdcbbsr@bsnl.in, rcdcbbsr@gmail.com

### ଆର୍.ସି.ଡି.ସି.- ବଲାଙ୍ଗୀର

ପ୍ୟାଲେସ୍ ଲାଇନ୍, ବଲାଙ୍ଗୀର-୭୬୭ ୦୦୨
ଫୋନ-୦୬୬୫୨-୨୩୪୮୪୨
E-mail: rcdcbgr@rediffmail.com

### ଆର.ସି.ଡି.ସି.- ନବରଙ୍ଗପୁର

ମଦର ଟେରେସା ମାର୍ଗ, ବ୍ଲକ୍ ଛକ
ନବରଙ୍ଗପୁର-୭୬୪ ୦୫୯
ଫୋନ୍-୦୬୮୫୮-୨୨୩୭୯୨
E-mail: rcdcngr@bsnl.in

### ଆର.ସି.ଡି.ସି.- କୋରାପୁଟ

ରାଣୀଗଡ଼ ଲାଇନ୍, ବିଇଡି କଲେଜ ନିକଟ
ଅଶୋକ ନଗର
କୋରାପୁଟ-୭୬୪ ୦୨୦
ଫୋନ୍-୦୬୮୫୨-୨୫୨୨୨୩



(କେବଳ ଘରୋଇ ପ୍ରସାରଣ ନିମିତ୍ତ)